ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.92 Bhubaneswar Friday, May 21, 2021 | ୨୪ତମ ବର୍ଷ ସଂଖ୍ୟା-୯୨ ଭୁବନେଶ୍ୱର, ଶୁକ୍ରବାର, ମଇ ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀଠାରେ ଉତ୍ତର ପୂର୍ବାଞ୍ଚଳର ବିକାଶ ମନ୍ତ୍ରୀ(ଆଇ.ସି.), ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନ ଅଭିଯୋଗ ଏବଂ ପେନ୍ସନ୍, ପରମାଣୁ ଶକ୍ତି ଏବଂ ମହାକାଶ, ଡକ୍ଟର ଜିତେନ୍ଦ୍ର ସିଂ ଅଧିକାରୀ ତଥା କର୍ମଚାରୀଙ୍କ ପାଇଁ କୋଭିଡ଼ ସଚେତନତା ଅଭିଯୋଗର ଏକ ବୈଠକରେ ଅଧକ୍ଷତା କରିଥିଲେ।

## ଗୋଟିଏ ଦିନରେ ୧୧୪୯୮ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୫୫୮୯୯

ଭୁବନେଶ୍ୱର, ୨୦।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୧୪୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୫୫୮୯୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୫୪୬୭୩୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୬୮୧୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୪୯୮ ଜଣଙ୍କ ମଧ୍ୟରୁ ୬୪୩୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୦୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୯୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୨୪ ଜଣ, ବରଗଡ଼ରୁ ୩୯୫ ଜଣ, ଭଦ୍ରକରୁ ୧୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୧୩, କଟକରୁ ୧୧୦୭ ଜଣ, ଦେବଗଡ ଜିଲ୍ଲାରୁ ୧୧୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫୧ ଜଣ, ଗଜପତି ଜିଲ୍ଲାରୁ ୮୬ , ଗଞ୍ଜାମରୁ ୨୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୨୫ ଜଣ, ଯାଜପୁରରୁ ୩୭୮ ଜଣ, ଝାରସୁଗୁଡ଼ାରୁ ୨୪୭ ଜଣ, କଳାହାଣ୍ଡିରୁ ୨୦୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୧ ଜଣ. କେନ୍ଦ୍ରାପଡ଼ାରୁ ୨୦୪ ଜଣ, କେନ୍ଦୁଝରରୁ ୧୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୯୭ ଜଣ, କୋରାପୁଟରୁ ୨୬୬ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୩୮ ଜଣ, ନବରଙ୍ଗପୁରରୁ ୩୪୬ ଜଣ, ନୟାଗଡ଼ରୁ ୩୮୨ ଜଣ, ନୂଆପଡ଼ାରୁ ୧୫୨ ଜଣ, ପୁରୀରୁ ୪୨୪ ଜଣ, ରାୟଗଡ଼ାରୁ ୨୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୯୩ ଜଣ, ସୋନପୁରରୁ ୨୨୭ ଜଣ, ସୁନ୍ଦରଗଡ଼ରୁ ୭୦୩ ଜଣ ଓ ଷ୍ଟେଟ୍ ପୁଲରୁ ୨୬୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଶ୍ରଦ୍ଧାଞ୍ଜଳି



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୦ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## ସମ୍ଭାବ୍ୟ ବାତ୍ୟା ଲାଗି ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୫(ପି.ଏନ): ଓଡ଼ିଶା ଉପକୂଳରେ ସମ୍ଭାବ୍ୟ ବାତ୍ୟା ଓ ତତ୍‌ଜନିତ ଭୀଷଣ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ରବିଧାନ ଏବଂ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟରେ ସବୁ ପ୍ରକାର ସତର୍କତା ଅବଲମ୍ବନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସଂପ୍ରତି ରାଜ୍ୟରେ ସୋସାଇଟି ପକ୍ଷରୁ ବିଭିନ୍ନ ମଣ୍ଡିରେ ରବିଧାନ ଏବଂ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ମଣ୍ଡିଗୁଡ଼ିକୁ ଚାଷୀମାନେ ଆଣୁଥିବା ଧାନ ଏବଂ ତୈଳବୀଜ ଆଦିକୁ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ରଖିବା ପାଇଁ ସମସ୍ତ ବନ୍ଦୋବସ୍ତ କରିବା ପାଇଁ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଖରିଫ ଚାଷକାର୍ଯ୍ୟ ନିମନ୍ତେ ସାର ଏବଂ ବିହନ ଯେପରି ସୁରକ୍ଷିତ ଭାବରେ ଠିକଣା ସ୍ଥାନଗୁଡ଼ିକରେ ପହଂଚିପାରିବ ସେଥି ନିମନ୍ତେ ପଦକ୍ଷେପ ନେବା ପାଇଁ ସେ କହିଛନ୍ତି। ଏତଦ୍‌ବ୍ୟତୀତ କୋଭିଡ୍-୧୯ର ଦ୍ୱିତୀୟ ଲହର ସ୍ଥିତିରେ ଖାଉଟିମାନଙ୍କୁ ସୁବିଧାରେ ପିଡ଼ିଏସ୍ ସାମଗ୍ରୀ ବଂଟନର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ସହିତ ତୃଣମୂଳ ସ୍ତରର କ୍ଷେତ୍ର ଅଧିକାରୀମାନଙ୍କୁ ବ୍ୟାପକ ସଚେତନ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ଜାରି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁଯାୟୀ ଆଣ୍ଡାମାନ ସାଗର ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ଘନିଭୂତ ହେବା ପରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି। ଏହା ମଇ ୨୬ ତାରିଖରେ ଓଡ଼ିଶା ଉପକୂଳରେ ପହଂଚିବାର ସମ୍ଭାବନା ରହିଛି ।

## ବ୍ଲାକ୍ ଫଙ୍ଗସକୁ ମହାମାରୀ ଘୋଷଣା କଲା ଓଡିଶା

ଭୁବନେଶ୍ୱର, ୨୦।୫(ପି.ଏନ): ବ୍ଲାକ୍ ଫଙ୍ଗସକୁ ମହାମାରୀ ଘୋଷଣା କଲେ ରାଜ୍ୟ ସରକାର । ମହାମାରୀ ଘୋଷଣା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ମହାମାରୀ ଘୋଷଣା କରିବାକୁ କେନ୍ଦ୍ର ପରାମର୍ଶ ଦେଇଥିଲା। ରାଜ୍ୟରେ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ପୂର୍ବରୁ ତେଲେଙ୍ଗାନା ଓ ରାଜସ୍ଥାନ ସରକାର ଏହାକୁ ମହାମାରୀ ଘୋଷଣା କରିଛନ୍ତି । କରୋନା ସଂକ୍ରମିତଙ୍କ ଠାରେ ଏହି ରୋଗ ଦେଖିବାକୁ ମିଳୁଛି। ଏହି ରୋଗରେ ସଂକ୍ରମିତ ହେବା ପରେ ରୋଗୀଙ୍କର ଆଖି ନଷ୍ଟ ହୋଇଯାଉଛି। ଏହି ରୋଗରେ ପୀଡିତ ଜଣେ ବ୍ୟକ୍ତିଙ୍କର ଗତକାଲି ଦିଲ୍ଲୀ ମୂଳଚନ୍ଦ ହସ୍ପିଟାଲରେ ମୃତ୍ୟୁ ହୋଇଛି। ଏହାକୁ ନଜରରେ ରଖି ତେଲେଙ୍ଗାନା ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଡ. ହୃଷିକେଶ ମଲ୍ଲିକ ହେଲେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି

### ଅରୁଣା ମହାନ୍ତି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଭାପତି

ଭୁବନେଶ୍ୱର,୨୦।୫(ପି.ଏନ): ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଡ. ହୃଷିକେଶ ମଲ୍ଲିକ ନିଯୁକ୍ତି ମିଳିଥିବା ବେଳେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଶ୍ରୀମତୀ ଅରୁଣା ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀର ସଭାପତି, ଉପସଭାପତି ଓ ସଚିବ ପଦବୀ ପୂରଣ ପାଇଁ ମନୋନୟନ କମିଟି ଦ୍ୱାରା ପ୍ରସ୍ତାବିତ ନାମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ଅନୁମୋଦନ କ୍ରମେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି,ଭାବେ ଯଥାକ୍ରମେ ଡ. ହୃଷିକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା ଓ ସଚିବ ଭାବେ ପ୍ରବୋଧ କୁମାର ରାଉତ (ଓକାକ୍ ରେ କାର୍ଯ୍ୟରତ ଓଏଏସ୍ ଅଧିକାରୀ) କାର୍ଯ୍ୟ କରିବେ । ସେହିପରି ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଭାପତି ପଦବୀ ପାଇଁ ଶ୍ରୀମତୀ ଅରୁଣା ମହାନ୍ତି ଓ ଓ ଉପସଭାପତି ଭାବେ ମନ୍ମଥ କୁମାର ଶତପଥୀ, ଓଡ଼ିଶା ଲଳିତ କଳା ଏକାଡେମୀର ଉପସଭାପତି ଓ ସଚିବ ପଦବୀ ପାଇଁ ଯଥାକ୍ରମେ ଶ୍ରୀନିବାସ ପଢ଼ିହାରୀ ଓ ପଂଚାନନ ସାମଲ ଏବଂ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ପଦବୀ ପାଇଁ ଡ. ସୟେଦ ମୁସୀର ଆଲାମ୍ ଙ୍କ ନାମ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଛି ।ସୂଚନାଯୋଗ୍ୟ ଯେ ମନୋନୟନ କମିଟିରେ ଅଧକ୍ଷ ତଥା ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ କମିଟି ଏମାନଙ୍କ ନାମକୁ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରିଥିଲେ ।

## ଟିକା , ଅକ୍ସିଜେନ୍ , ଅନଲାଇନ୍ ଔଷଧ ନାଁରେ ହେଉଛି ସାଇବର ଠକେଇ

ଭୁବନେଶ୍ୱର, ୨୦।୫(ପି.ଏନ):- କରୋନା ସମୟରେ ସାଇବର କ୍ରିମିନାଲ ମାନେ ସକ୍ରିୟ ହୋଇଯାଇଛନ୍ତି । ଲୋକଙ୍କ ଅସହାୟତାର ସୁଯୋଗ ନେଇ ସେମାନେ ଠକୁଛନ୍ତି। ବିଶେଷ କରି ଟିକା , ଅକ୍ସିଜେନ୍ , ଅନଲାଇନ୍ ଔଷଧ ଓ ଟେଲି ମେଡିସିନ୍ ନାଁରେ ଠକେଇ ହେଉଛି। ତେଣୁ ସେମାନଙ୍କଠାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ପୋଲିସ୍ ଡିଜି ଶ୍ରୀ ଅଭୟ। ରାଜ୍ୟ ସରକାରଙ୍କ କୋଭିଡ୍ ସଚେତନତା ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଛନ୍ତି ଯେ ଟିକାକରଣ ନାଁରେ ନକଲି ପୋର୍ଟାଲରୁ ଦୂରେଇ ରୁହନ୍ତୁ। ରେଜିଷ୍ଟ୍ରେସନ ପାଇଁ ୩ଟି ଅସଲି ପୋର୍ଟାଲ ରହିଛି। କୋୱିନ, ଆରୋଗ୍ୟ ସେତୁ ଓ ଉମଙ୍ଗ ପୋର୍ଟାଲର ହିଁ ବ୍ୟବହାର କରନ୍ତୁ।

## ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ବଡପୁଅ ଯଶୋବନ୍ତଙ୍କ ପରଲୋକ

### ଗତକାଲି ସାନପୁଅ ପ୍ରଶାନ୍ତଙ୍କ ଦେହାନ୍ତ ହୋଇଥିଲା , ୧୨ ଦିନରେ ଚାଲିଗଲେ ବାପା ଓ ୨ ପୁଅ

ଭୁବନେଶ୍ୱର, ୨୦।୫(ପି.ଏନ): ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ବଡପୁଅ ଯଶୋବନ୍ତ ମହାପାତ୍ରଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ଚଳିତ ମାସ ୯ ତାରିଖରେ କରୋନାରେ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କର ଦେହାନ୍ତ ହୋଇଥିଲା। ୧୯ ତାରିଖ ଅର୍ଥାତ୍ ଗତକାଲି ପ୍ରାଣ ହରାଇଥିଲେ ତାଙ୍କ ସାନ ପୁଅ ତଥା ପୂର୍ବତନ ରଣଜୀ କ୍ରିକେଟର ପ୍ରଶାନ୍ତ ମହାପାତ୍ର। ଏହାପରେ ଗୁରୁବାର ଆଖିବୁଜିଛନ୍ତି ବଡପୁଅ ଯଶୋବନ୍ତ। ୧୨ ଦିନ ଭିତରେ ଗୋଟିଏ ପରିବାରରୁ ତିନି ଜଣଙ୍କ ବିୟୋଗରେ ପୂରା ପରିବାର ଦୁଃଖରେ ଭାଙ୍ଗି ପଡିଛି।କରୋନାରେ ଆକ୍ରାନ୍ତ ହେବା ପରେ ବାପା ରଘୁନାଥ ମହାପାତ୍ର ଓ ସାନ ଭାଇ ପ୍ରଶାନ୍ତ ଏବଂ ବଡ ଭାଇ ଯଶୋବନ୍ତଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସରେ ଭର୍ତି କରାଯାଇଥିଲା। ତେବେ ରଘୁନାଥ ଓ ପ୍ରଶାନ୍ତଙ୍କ ମୃତ୍ୟୁ ପରେ ପରିବାର ଲୋକେ ଗତକାଲି ଯଶୋବନ୍ତଙ୍କୁ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍ କୁ ସ୍ଥାନାନ୍ତର କରି ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଥିଲା। ଡାକ୍ତରଙ୍କ ଶତ ଚେଷ୍ଟା ସତ୍ୱେ ଆଜି ଦିନ ପ୍ରାୟ ଗୋଟାଏ ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଗତକାଲି ସକାଳ ୭ଟା ୫୧ ମିନିଟ୍ ରେ ୪୭ ବର୍ଷ ବୟସରେ ଯଶୋବନ୍ତଙ୍କ ସାନ ଭାଇ ପ୍ରଶାନ୍ତ ମହାପାତ୍ର ଭୁବନେଶ୍ୱର ସ୍ଥିତ ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସେ କରୋନାରୁ ମୁକ୍ତ ହୋଇଥିଲେ। ତାଙ୍କର କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା।ସୂଚନାଯୋଗ୍ୟ, ମଇ ୯ ତାରିଖ ଅପରାହ୍ଣ ୩ଟା ୪୯ ମିନିଟ୍ ରେ ରଘୁନାଥ ମହାପାତ୍ର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଏକାଦଶାହ ଦିନ ସାନ ପୁଅର ମୃତ୍ୟୁ ଓ ୧୨ ଦିନରେ ବଡପୁଅର ମୃତ୍ୟୁ ସାରା ଓଡିଶାବାସୀଙ୍କୁ ବ୍ୟଥିତ କରିଛି।

## ଓଡ଼ିଶାରେ ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ପାଖାପାଖି ୫ ହଜାର କୋଭିଡ୍ ବେଡ୍ ସହ ୧ ହଜାର ଭେଂଟିଲେଟର୍‌ର ବ୍ୟବସ୍ଥା ହେଉଛି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ସୁନ୍ଦରଗଡ, ୨୦।୫ (ପି.ଏନ): ଓଡିଶାର କର୍ପୋରେଟ ଅନୁଷ୍ଠାନ ଗୁଡ଼ିକ ବିଶେଷ ଭାବରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ପକ୍ଷରୁ ଓଡ଼ିଶାରେ ପାଖାପାଖି ୫ ହଜାର କୋଭିଡ୍ ବେଡ୍ ଏବଂ ୧ ହଜାରରୁ ଉର୍ଦ୍ଧ୍ୱ ଭେଂଟିଲେଟରର ବ୍ୟବସ୍ଥା କରାଯାଉଥିବା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ନୂଆଦିଲ୍ଲୀରୁ ଭର୍ଚୁଆଲ ପ୍ଲାଟଫର୍ମରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର "ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଏବଂ ସୁପର ସ୍ପେଶାଲିଟି" ହସ୍ପିଟାଲରେ ୧୦୦ଟି ଭେଂଟିଲେଟର ସହ ଆଇସିୟୁ ବେଡର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଭିତିଭୂମିକୁ ପ୍ରାଥମିକତା ଦିଆଯାଉଛି। ରାଉରେକଲା ଇସ୍ପାତ୍ କାରଖାନା ଦ୍ୱାରା ଆଇପିଜିଆଇ ଓ ସୁପର ସ୍ପେଶାଲିଟି ହସ୍ପିଟାଲରେ ଜିଲ୍ଲା ପ୍ରଶାସନକୁ ଉତ୍ସର୍ଗ ହୋଇଥିବା ଭେଂଟିଲେଟର ସୁବିଧା ସହ କୋଭିଡ୍ ବେଡ୍ ଗୁଡ଼ିକ ଆଗାମୀ ଦିନରେ କୋଭିଡ୍ ସଂକ୍ରମିତ ରୋଗୀ ମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଅନେକ ଜୀବନ ରକ୍ଷା କରିବାରେ ସହାୟକ ହେବ। ଜାତୀୟ ଏବଂ ଆଂଚଳିକ ସ୍ତରରେ ସେଲର ରାଉରକେଲା ଇସ୍ପାତ୍ କାରଖାନା ଏହି କୋଭିଡ ମହାମାରୀର ମୁକାବିଲା ପାଇଁ






ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ସିଜେନ୍ ପ୍ଲାଂଟ ନିକଟରେ "କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ କରିଥିବା ବେଳେ ସେଲ୍ ମଧ ରାଉରକେଲାରେ ୫୦୦ ବେଡ୍ ବିଶିଷ୍ଟ ବୃହତ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରିବାର ଦାୟିତ୍ୱ ନେଇଛି । ଏତଦବ୍ୟତିତ ରାଉରକେଲା ଇସ୍ପାତ୍ କାରଖାନାରେ ଅକ୍ସିଜେନ୍ ପ୍ରସ୍ତୁତ ୟୁନିଟରୁ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନର ଉତ୍ପାଦନ ଏବଂ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଚଳିତବର୍ଷ ଏପ୍ରିଲରୁ ଏହି ପ୍ଲାଂଟରୁ ୧୦ ହଜାର ଟନରୁ ଅଧିକ ମେଡ଼ିକାଲ ଅକ୍ସିଜେନ୍ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଇ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ଖଣି ଅଂଚଳରେ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେବାକୁ ପଡ଼ିବ। ତେଣୁ କେନ୍ଦୁଝର ଜିଲ୍ଲାର ବଲାଣି କିମ୍ବା ବଡ଼ବିଲ ଠାରେ ଅକ୍ସିଜେନ୍ ସୁବିଧା ସହ ୧୦୦ କୋଭିଡ୍ ବେଡ୍ ଓ ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଠାରେ ୫୦ ଅକ୍ସିଜେନ୍ ସଂଯୁକ୍ତ ବେଡ଼ର ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ସେଲକୁ ଦାୟିତ୍ୱ ଦେଇଛନ୍ତି । ସେହିପରି ଓଡ଼ିଶାକୁ ବର୍ତମାନ ସୁଦ୍ଧା ୭୪ ଲକ୍ଷ ୮୬ ହଜାର ୧୪୦ଟିକା ଉପଲବ୍ଧ ହୋଇଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାକୁ କେନ୍ଦ୍ର ସରକାର ୬୮ ଲକ୍ଷ ୫୭ ହଜାର ୬୦୦ ଟିକା ଦେଇଛନ୍ତି । କର୍ପୋରେଟ୍ ତଥା ସେଲ୍ ମଧ ଟିକା ଅଭିଯାନରେ ସାମିଲ ହୋଇ ନିଜ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କୁ ଟିକା ଦେବାର ବ୍ୟବସ୍ଥା କରନ୍ତୁ। ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟୁନ ୨ ଜଣ ସାଧାରଣ ଲୋକଙ୍କୁ ମାଗଣାରେ ଟିକା ଦେବାର ଦାୟିତ୍ୱ ମଧ ସେଲ ନେଉ। ଜିଲ୍ଲା ପ୍ରଶାସନ ଓ ସମସ୍ତ ସାମାଜିକ ରାଜନୈତିକ ନେତୃତ୍ୱଙ୍କ ସହଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଶତ ପ୍ରତିଶତ ଟିକା ଦେବାରେ ପ୍ରଥମ ଜିଲ୍ଲା ଭାବରେ ପରିଗଣିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।ଓଡ଼ିଶାର କରୋନା ମହାମାରୀ ବିରୋଧୀ ଲଢ଼େଇରେ ଅନେକ ବ୍ୟକ୍ତି ସମାଜର ସେବା ପାଇଁ ନିଜକୁ ନିୟୋଜିତ କରିବା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ବିଷୟ । ରାଉରକେଲା ସହରରେ ଗୁରିନ୍ଦର ସିଂହ କରୋନା ସଂକ୍ରମିତ ଲୋକଙ୍କୁ ମାଗଣାରେ ଅକ୍ସିଜେନ୍ ସିଲିଣ୍ଡର ଏବଂ ରନ୍ଧା ଖାଦ୍ୟ ଯୋଗାଇଦେଉଥିବାରୁ ଶ୍ରୀ ପ୍ରଧାନ ଶ୍ରୀ ସିଂହଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ୍ ରାଷ୍ଟ୍ର ମନ୍ତ୍ରୀ ଫଗନ୍ ସିଂହ କୁଲସ୍ତେ, ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ସୁନ୍ଦରଗଡ ସାଂସଦ ଜୁଏଲ ଓରାମ, ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବିଧାୟକ ଏବଂ ସେଲ୍ କର୍ତୃପକ୍ଷ ଉପସ୍ଥିତ ରହିଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada











# ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମଇ ୨୧

# ସହରାଞ୍ଚଳର ସମସ୍ୟା...

ସ୍ୱଚ୍ଛ ଭାରତ ଅଭିଯାନକୁ ଛଅବର୍ଷ ପୁରି ସାତବର୍ଷ ଚାଲିଲା। ତେବେ ଏହି ଛଅବର୍ଷ ମଧ୍ୟରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱେରେଜ ବ୍ୟବସ୍ଥା, ବର୍ଷା ଜଳ ନିଷ୍କାସନ ଏବଂ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅଗ୍ରଗତି ଅତ୍ୟନ୍ତ ନିରାଶାଜନକ। ଅଧିକାଂଶ ପୌରାଞ୍ଚଳର ବାସିନ୍ଦା ଏହି ସମସ୍ୟା ସହ ଯୁଝୁଥିବା ବେଳେ ପୌରସଂସ୍ଥାଗୁଡ଼ିକ ଏ ନେଇ ଉଦାସୀନ। ନିକଟଅତୀତରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫୦ଟି ପୌରାଞ୍ଚଳର ସ୍ଥିତି ଅନୁଧ୍ୟାନ ପରେ ପ୍ରସ୍ତୁତ ରିପୋର୍ଟରୁ ଏହି ସୂଚନା ମିଳିଛି। ପ୍ରଥମେ ସ୍ମାର୍ଟ ସିଟି ତାଲିକାରେ ସ୍ଥାନ ପାଇଥିବା ଦୁଇଟି ସହର ରାଜଧାନୀ ଭୁବନେଶ୍ୱର ଏବଂ ଇସ୍ପାତ ସହର ରାଉରକେଲାର ସ୍ଥିତି ଦେଖାଯାଉ। ସ୍ମାର୍ଟ ସିଟି ହେବା ପାଇଁ ଏକ ନମ୍ବର ସହର ଭାବେ ସୁପାରିଶ ହୋଇଥିବା ଭୁବନେଶ୍ୱର ପୌର ନିଗମ ଅଞ୍ଚଳର ମାତ୍ର ୮୧ ପ୍ରତିଶତ ପରିବାରର ନିଜସ୍ୱ ପାଇଖାନା ରହିଛି। ଅବଶିଷ୍ଟ ୧୯ ପ୍ରତିଶତ ଖୋଲା ଆକାଶ ତଳ ଶୌଚାଳୟ ବ୍ୟବହାର କରୁଛନ୍ତି। ସ୍ୱେରେଜ ବ୍ୟବସ୍ଥା ଆବଶ୍ୟକତାର ମାତ୍ର ୫୮ ପ୍ରତିଶତ। ରାଜଧାନୀବାସୀଙ୍କ ପାଇଁ ମୁଣ୍ଡପିଛା ହିସାବରେ ଆବଶ୍ୟକତାଠାରୁ ଢ଼େର ଅଧିକ ପାନୀୟ ଜଳ ଯୋଗାଣ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନରେ ଗ୍ରହଣ କରାଯାଇଥିବା ମାନଦଣ୍ଡ ଅନୁଯାୟୀ ଜଣେ ବ୍ୟକ୍ତି ନିମନ୍ତେ ପାନୀୟ ଜଳ ଓ ଅନ୍ୟାନ୍ୟ ଘରୋଇ ବ୍ୟବହାର ପାଇଁ ଦୈନିକ ୧୩୫ ଲିଟର ପାଣି ଆବଶ୍ୟକ। ରାଜଧାନୀରେ କିନ୍ତୁ ମୁଣ୍ଡ ପିଛା ଜଳଯୋଗାଣ ପରିମାଣ ୨୪୮ ଲିଟର। ସମସ୍ୟା ହେଲା, ଜଳଯୋଗାଣ ପାଇଁ ପାଇପ୍ ବ୍ୟବସ୍ଥା। ଆବଶ୍ୟକତା ତୁଳନାରେ ପାଇପ୍ ନେଟୱାର୍କ ମାତ୍ର ୩୫ ପ୍ରତିଶତ। ଏହାର ଅର୍ଥ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଜଳ ଯୋଗାଣ ହେଉଥିଲେ ସୁଦ୍ଧା ଅନେକ ଅଞ୍ଚଳବାସୀ ଏହାଦ୍ୱାରା ଉପକୃତ ହୋଇପାରୁନାହାନ୍ତି। ସ୍ମାର୍ଟ ସିଟି ଭାବେ ସୁପାରିଶ ହୋଇଥିବା ଇସ୍ପାତ ନଗରୀ ରାଉରକେଲାରେ ୮୪ ପ୍ରତିଶତ ପରିବାରର ନିଜସ୍ୱ ପାଇଖାନା ରହିଛି। ଅବଶିଷ୍ଟ ୧୬ ପ୍ରତିଶତଙ୍କ ନିଜସ୍ୱ ପାଇଖାନା ନାହିଁ। ଅଳ୍ପ ସଂଖ୍ୟକ ଲୋକ ହୁଅନ୍ତୁ ପଛେ, ମୁକ୍ତାକାଶ ଶୌଚାଳୟ ସ୍ମାର୍ଟ ସିଟି ଅନୁକୂଳ ନୁହେଁ। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ମଧ୍ୟ ଇସ୍ପାତ ସହରର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ସହରରୁ ମୋଟ ବର୍ଜ୍ୟ ବସ୍ତୁ ପରିମାଣର ୮୦ ପ୍ରତିଶତ ସଂଗୃହୀତ ହେଉଥିବାବେଳେ ସେଥିରୁ କେବଳ ମାତ୍ର ୬୫ ପ୍ରତିଶତ ବିଶୋଧିତ ହୋଇପାରୁଛି। ଅନ୍ୟ ସହରଗୁଡ଼ିକ ମଧ୍ୟରେ ସହସ୍ରାବ୍ଦୀ ସହର କଟକରେ ଅବସ୍ଥା ବେଶ୍ ଶୋଚନୀୟ। ସହରର ୬୫ ପ୍ରତିଶତ ପରିବାରର ନିଜସ୍ୱ ପାଇଖାନା ସୁବିଧା ଥିବାବେଳେ ଅବଶିଷ୍ଟ ୩୫ ପ୍ରତିଶତ ଏହି ସୁବିଧାରୁ ବଞ୍ଚିତ। ସ୍ୱେରେଜ୍ ନେଟୱାର୍କ ମାତ୍ର ୨୫ ପ୍ରତିଶତ। ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ। ତୀର୍ଥକ୍ଷେତ୍ର ପୁରୀ ସହରରେ ବି ଅବସ୍ଥା ବିଶେଷ ଭିନ୍ନ ନୁହେଁ। ୭୭ ପ୍ରତିଶତ ପରିବାରର ନିଜସ୍ୱ ପାଇଖାନା ସୁବିଧା ଅଛି। ଆବଶ୍ୟକତା ତୁଳନାରେ ସ୍ୱେରେଜ ସୁବିଧା ମାତ୍ର ୧୨ ପ୍ରତିଶତ। ପ୍ରତି ସହର ବର୍ଜ୍ୟବସ୍ତୁର ସଂଗ୍ରହ ଏବଂ ବିଶୋଧନ ଶତ ପ୍ରତିଶତ ହେବା ସ୍ଥାନରେ ପୁରୀ ସହରର ଏହା ମାତ୍ର ୧୬ ପ୍ରତିଶତ। ପାନୀୟ ଜଳଯୋଗାଣ ମୁଣ୍ଡପିଛା ଆବଶ୍ୟକତା ଠାରୁ ଅଧିକ। କିନ୍ତୁ ସହରର ମାତ୍ର ୨୬ ପ୍ରତିଶତ ଅଞ୍ଚଳରେ ପାଇପ୍ ବିଛାଯାଇପାରିଛି। ପଶ୍ଚିମାଞ୍ଚଳର ମୁଖ୍ୟ ସହର ସମ୍ବଲପୁରର ଅବସ୍ଥା ଆହୁରି ଶୋଚନୀୟ। ମାତ୍ର ୪୮.୭ ପ୍ରତିଶତ ସହରବାସୀ ନିଜସ୍ୱ ପାଇଖାନା ବ୍ୟବହାର କରୁଥିବା ବେଳେ ଅବଶିଷ୍ଟ ୫୧ ପ୍ରତିଶତ ଏହି ସୁବିଧାରୁ ବଞ୍ଚିତ। ସ୍ୱେରେଜ ବ୍ୟବସ୍ଥା ଆଖିଦୃଶିଆ ନୁହେଁ। ବ୍ରହ୍ମପୁରରେ ପାନୀୟ ଜଳ ସମସ୍ୟା ଗୁରୁତର। ଉମରକୋଟ, ବେଲପାହାଡ଼ ଓ ଭଦ୍ରକ ଆଦି ପୌରାଞ୍ଚଳରେ ମଧ୍ୟ ପାନୀୟ ଜଳ ସମସ୍ୟା ଉତ୍କଟ। ସହରାଞ୍ଚଳର ପ୍ରଗତି ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜନସାଧାରଣଙ୍କ ଉନ୍ନତିକଳ୍ପେ ଅନେକ ଜନକଲ୍ୟାଣ ଯୋଜନା ପ୍ରଶଂସାର ପାତ୍ର ବି ହୋଇଛି। ତେବେ ଯାହାହେଉନା କାହିଁକି ସହରାଞ୍ଚଳର ସମସ୍ୟା ଦ୍ରୁତ ଜନସଂଖ୍ୟା ବଢ଼ିବା ସହ ସେହି କ୍ରମରେ ପାନୀୟ ଜଳ, ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ।

## ଆଜିର ଅନୁଚିନ୍ତା

*ନିରାଶାବାଦୀ ନହୋଇ ସର୍ବଦା ଆଶାବାଦୀ ହେଲେ ପ୍ରକୃତ ଶାନ୍ତି ମିଳେ।*

# ଭିକ୍ଷାର ସଦୁପଯୋଗ

**କ୍ରୋ**ଧ ଏକ ତୀକ୍ଷ୍ଣ ଖଡ଼ଗ୍ ସଦୃଶ । ଏହା ହେତୁ ମନୁଷ୍ୟର ସକଳପ୍ରକାର ସଦ୍‌ଗୁଣ ନଷ୍ଟ ହୋଇଯାଇଥାଏ । କାରଣ ଏହା ବିବେକର ଅନୁଶାସନକୁ ମାନି ନଥାଏ । ସେଥିପାଇଁ କୁହାଯାଇଥାଏ ଯଦି ହଠାତ୍ କ୍ରୋଧ ପ୍ରକାଶ କରିବା ଭଳି କ୍ଷତିକାରକ ଦୁର୍ଗୁଣଟି ନ'ଥାଆନ୍ତା ତେବେ ହୁଏତ ଦୁନିଆର ଅର୍ଦ୍ଧାଧିକ ସଂଗିନ ସମସ୍ୟା ନ'ଥାଆନ୍ତା । ଥରେ କ୍ରୋଧର ବଶବର୍ତ୍ତୀ ହୋଇଗଲେ ଗୋଟିଏ କଥା ନିଶ୍ଚିତ ହୋଇଯାଏ । ତାହା ହେଲା ତୁମେ କ୍ରୋଧର ପ୍ରତିଶୋଧ ନିଜ ଉପରେ ହିଁ ନେଇଗଲ । ପ୍ରତ୍ୟେକ କ୍ଷେତ୍ରରେ କ୍ରୋଧରେ ଆରମ୍ଭ ହୋଇଥାଏ ନିର୍ବୋଧ ପଣିଆରୁ ଓ ଶେଷ ହୋଇଥାଏ ପଶ୍ଚାତାପରେ । କ୍ରୋଧୀର ଯେତେବେଳେ ବିଚାରବୁଦ୍ଧି ଫେରିଆସେ ସେ ପରିଣାମ ଚିନ୍ତାକରି ବିଚଳିତ ହୋଇପଡ଼େ । ଛତ୍ରପତି ଶିବାଜୀ ମହାରାଜଙ୍କର ଗୁରୁଥିଲେ ରାମଦାସ । ପ୍ରତ୍ୟହ ସ୍ନାନ ଓ ପୂଜା କର୍ମାଦି ସଂପାଦନ ପରେ ସେ ମାତ୍ର ପାଞ୍ଚଜଣଙ୍କ ଘରକୁ ଭିକ୍ଷାନ୍ନ ସଂଗହ ଉଦ୍ଦେଶ୍ୟରେ ଯାଉଥିଲେ । ଏହା ତାଙ୍କର ସଂକଳ୍ପ ଥିଲା । ସେହି ପାଞ୍ଚ ଘରୁ ସେ କିଛିନା କିଛି ନେଇ ଆସୁଥିଲେ । ଥରେ ଗୁରୁ ରାମଦାସ ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ତାଙ୍କ ଆଗମନର ସୂଚନା ଦେଇ କହିଲେ- 'ଜୟଜୟ ରଘୁବୀର!' କିଛି ସମୟ ପୂର୍ବରୁ ସ୍ୱାମୀଙ୍କ ସହ ଝଗଡ଼ା କରି ଅତିମାତ୍ରାରେ ଉତ୍ତେଜିତ ଅବସ୍ଥାରେ ଥିବା ପତ୍ନୀ ଏହାଶୁଣି ହଠାତ ଘର ବାହାରକୁ ଚାଲିଆସିଲେ । ସମ୍ମୁଖରେ ଜଣେ ଭିକ୍ଷୁଙ୍କୁ ଦେଖି ବିରକ୍ତ ହୋଇ କହିଲେ- 'ଭିକମାଗିବା ଛଡ଼ା ତୁମର କ'ଣ ଅନ୍ୟ କୌଣସି ପନ୍ଥା ନାହିଁ? ବିନା ପରିଶ୍ରମରେ ମିଳି ଯାଉଛି ତ, ସେଥିପାଇଁ ଘରଘର ବୁଲି ମୁହଁ ଦେଖାଉଛ । ଶୀଘ୍ର ଏଠୁ ଚାଲିଯାଅ । ଅନ୍ୟ କୌଣସି ଘରେ ମାଗ ।' ରାମଦାସ ହସିହସି କହିଲେ 'ମା' ! ମୁଁ କୌଣସି ଘରୁ ଖାଲି ହାତରେ ଫେରେ ନାହିଁ । ଯାହା କିଛି ଅଛି ଦିଅନ୍ତୁ ।' ମହିଳା ଜଣକ ଘରୁ ବାହାରକୁ ଆସିବା ସମୟରେ ଘରେ ଗୋଟିଏ କପଡ଼ାରେ ଅଇଁଠା ଲିପୁଥିଲେ । ହାତରେର ଥିବା ମଇଳା କପଡ଼ାଟି ରାମଦାସଙ୍କ ଝୁଲାରେ ପକାଇଦେଇ କହିଲେ- 'ନିଅ, ଏହାକୁ ନେଇ ନିଜ ମୁହଁ କଳା କରିଦିଅ ।' କପଡ଼ାରେ ଗୋବର ଲିପା ହେଉଥିବାରୁ ଏହା କଳାଥିଲା । ରାମଦାସ କିଛି ନ କହି ସେଠାରୁ ନଦୀ ଆଡ଼କୁ ଗଲେ । ନଦୀ ଜଳରେ ସେହି କପଡ଼ା ପରିଷ୍କାର କରି ଶୁଖାଇଲେ, ତାହା ଶୁଖିଯିବା ପରେ ସେଥିରେ କେତୋଟି ସଳିତା କରି ନିକଟସ୍ଥ ମନ୍ଦିରକୁ ଗଲେ । ରାମଦାସ ନିରୁତ୍ତର ରହି ଚାଲିଯିବାପରେ ଉତ୍ତେଜିତ, କ୍ରୋଧିତ ମହିଳାଙ୍କ ରାଗ ନିଆଁରେ ପାଣି ପଡ଼ିଲା ପରି ଶାନ୍ତ ହୋଇଗଲା । ଜଣେ ସନ୍ୟାସୀଙ୍କୁ ସେ କୁତ୍ସିତ ବାକ୍ୟ ପ୍ରୟୋଗ କରି ଦୁର୍ବ୍ୟବହାର କରିଥିବାରୁ ସେ ଅନୁତାପ କଲେ । ବିଚଳିତ ହୋଇ ତାଙ୍କୁ ଖୋଜି କ୍ଷମା ମାଗିବା ଉଦ୍ଦେଶ୍ୟରେ ଘରୁ ବାହାରି ଆସିଲେ । ରାମଦାସଙ୍କୁ ବହୁତ ଖୋଜାଖୋଜି ପରେ ଶେଷରେ ମନ୍ଦିରରେ ଚୁପ୍‌ଚାପ୍ ବସିଥିବା ଦେଖିବାକୁ ପାଇଲେ । ରାମଦାସଙ୍କ ପାଦତଳେ ପଡ଼ି କହିଲେ- 'ମହାଭାଗ ! ମୁଁ ଆପଣଙ୍କ ଭଳି ଧର୍ମାତ୍ମାଙ୍କୁ ତିରସ୍କାର କରିଛି । ମୋତେ ଏ ନିମନ୍ତେ କ୍ଷମା କରି ଦିଅନ୍ତୁ ।' ତାଙ୍କର ନେତ୍ରଯୁଗଳରୁ ଅବିରାମ ଲୁହ ଝରୁଥିଲା । ରାମଦାସ ମୃଦୁ ହସ ହସି କହିଲେ- 'ଦେବୀ! ତୁମେ ଉଚିତ ଭିକ୍ଷା ଦେଇଛ । ତୁମର ସେହି ଅନନ୍ୟଭିକ୍ଷା ଆଜି ଦେବମନ୍ଦିରରେ ଦୀର୍ଘସମୟ ହେଲା ପ୍ରଜ୍ୱଳିତ । ଅନ୍ୟଥା ତୁମ ପ୍ରଦତ୍ତ ଭିକ୍ଷାନ୍ନ ତ ଖୁବ୍ କମସମୟ ମଧ୍ୟରେ ଶେଷ ହୋଇଯାଇଥାନ୍ତା । ତାଙ୍କଠାରୁ ଏ କଥାଶୁଣି ମହିଳା ଶ୍ରଦ୍ଧା ଓ ଭକ୍ତିରେ ବିହ୍ୱଳ ହୋଇଗଲେ । ରାମଦାସଙ୍କ ମହାନତା ତାଙ୍କ ଅନ୍ତରରୁ ସମସ୍ତ ମାଳିନ୍ୟ ଧୋଇ ଦେଇଥିଲା ।



ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
**କଳ୍ପବଟ....**

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।**

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସଂସ୍କୃତି ଓ ସଂସ୍କାର ଅତୀତ ଏବଂ ବର୍ତ୍ତମାନର

ଅତୀତରେ ଆମ ଦେଶ ଭାରତ ମୁନିଋଷିଙ୍କ ଦେଶ ଭାବେ ବେଶ ପ୍ରସିଦ୍ଧି ଲାଭ କରିଥିଲା। ଆମେ ମୁନିଋଷିଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରରେ ପାଳନ କରୁଥିଲୁ। ତାଙ୍କୁ ଅନୁସରଣ କରି ମଣିଷ ଅନେକ ଆୟୁର୍ବେଦ ଔଷଧ ତିଆରି କରୁଥିଲା। ତାଙ୍କର ପରାମର୍ଶ ଅନୁଯାୟୀ ଆମକୁ ବିଭିନ୍ନ ରୋଗରୁ ଉପଶମ ମିଳୁଥିଲା। ଆମ ରାଜ୍ୟ ଓଡ଼ିଶା ଥିଲା ସଂସ୍କୃତି ଓ ପରମ୍ପରାର ରାଜ୍ୟ, ଯେଉଁଠି ବାରମାସରେ ତେର ପର୍ବ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିଲା। ଭାଇ ସହିତ ଭାଇ କାନ୍ଧମିଳାଇ ପରିବାର ସହିତ ପରିବାର ମିଶି ପୂଜା, ପାର୍ବଣ ଓ ବିଭିନ୍ନ ପର୍ବ ପାଳନ କରୁଥିଲେ। ବିପଦ ଆପଦରେ ଜଣେ ଆଉ ଜଣଙ୍କ ପାଇଁ ଆଗକୁ ବାହାରୁଥିଲା। ଭାଇଚାରା ରାଜ୍ୟ ଭାବେ ଓଡ଼ିଶା ପ୍ରସିଦ୍ଧି ଲାଭ କରିଥିଲା। କିନ୍ତୁ ସମୟ ସହିତ ତାଳ ଦେଇ ମନୁଷ୍ୟ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଦେଇଛି ସତ, ହେଲେ ଭୁଲିଯାଇଛି ତାର ସଂସ୍କୃତି ଓ ପରମ୍ପରାକୁ, ଭୁଲି ଗଲାଣି ମଣିଷ ପଣିଆକୁ, ପାଶୋରି ସାରିଲାଣି ପରିବାରର ସଂସ୍କାରକୁ। ଜୀବନର ଲକ୍ଷ୍ୟ ମଣିଷ କିପରି ବିନା ପରିଶ୍ରମରେ ରାତାରାତି ଧନୀ ହୋଇ ଭୋଗବିଳାସ, ପ୍ରାଚୁର୍ଯ୍ୟ ଓ ଆରାମାଦାୟକ ଭାବେ ଜୀବନ ଯାପନ କରିବ। ସେଇ ଚିନ୍ତାଧାରା ଆମ ସଂସ୍କୃତି ଓ ପରମ୍ପରାକୁ ସମାଜରୁ ଲୀନ କରିଦେବାକୁ ବସିଲାଣି। ଫଳରେ ଭାଇଚାରା ଓ ସଂସ୍କାର ଧୀରେ ଧୀରେ ଲୋପ ପାଇଗଲାଣି। ଏବେ ନବଜାତ ଶିଶୁର ଏକୋଇଶାରେ ଷଠି ମା'ଙ୍କ ପୂଜା ଆଉ ଦେଖିବାକୁ ମିଳୁନାହିଁ। ଜନ୍ମଦିନରେ ଘରେ ତିଆରି ହେଉଥିବା ପିଠା, କାକରା ବଦଳରେ, ଘରର ଚାରିକାନ୍ଥରୁ ବାହାରି ବଡ଼ବଡ଼ ହୋଟେଲରେ କେକ୍ କାଟି, ମହମ ଜାଳି ଡ଼ିସ୍କୋ ନାଚ ନାଚିବା ଏବେ ଫେଶନରେ ପରିଣତ ହୋଇଗଲାଣି। ଜନ୍ମଦିନରେ ବାପାମାଆଙ୍କ ଆଶୀର୍ବାଦ ନେବା ବଦଳରେ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ଓ ପ୍ରସାର କରାଗଲାଣି। ବିଭାଘର ସ୍ଥିର ପରେ ଗ୍ରାମଦେବତୀଙ୍କ ପାଖରେ ନିର୍ବନ୍ଧ ନହୋଇ ଆଜି ବଡ଼ ବଡ଼ ହୋଟେଲ ଓ ମଣ୍ଡପରେ ଡ଼ିଜେ ଗୀତର ତାଳେ ତାଳେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ସାଙ୍ଗସାଥୀଙ୍କ ଗହଣରେ 'ରିଙ୍ଗ୍ ସେରିମନି' ପାଳନ କରାଗଲାଣି। ଗୁରୁବାର ମାଣବସାରେ ଆଉ ଚିତା ବା ଝୋଟି ଦେଖିବାକୁ ମିଳୁନି। ଝୋଟି ବଦଳରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ଷ୍ଟିକରରେ କାମ ଚଳିଯାଉଛି। ପିଠାପଣାର ମହକ ଆସ୍ତେ ଆସ୍ତେ ଉଭେଇ ଗଲାଣି। ଲୋପ ପାଇବାକୁ ବସିଲାଣି ସଂସ୍କୃତି, ପରମ୍ପରା, ଲୀନ ହେବାକୁ ବସିଲାଣି ମାନବିକତା ଓ ସଂସ୍କାର ପଣିଆ। ମଣିଷ ପାଠଶାଢ ପଢ଼ି ଶିକ୍ଷିତ ହେଲା ପରେ ସେ ଶିକ୍ଷା ମଣିଷକୁ ଜୀବନ ନିର୍ବାହର ବାଟ ଦେଖାଇଥାଏ। ଯଦି ଆମ ଭିତରେ ମାନବିକତା ଅଛି, ସଂସ୍କାରପଣିଆ ଅଛି, ସେ ସଂସ୍କାର ଆମକୁ ଜୀବନ ନିର୍ମାଣର ବାଟ ଦେଖାଇଥାଏ। ଜୀବନ ନିର୍ବାହ ଓ ଜୀବନ ନିର୍ମାଣ ମଧ୍ୟରେ ତଫାତ ଅନେକ। ଜୀବନ ନିର୍ବାହ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି, ଜୀବନ ନିର୍ମାଣ ପାଇଁ ସଂସ୍କାରର ଆବଶ୍ୟକତା ରହିଛି। ଆଜି ଲୋକଙ୍କ ପାଖରେ ଟଙ୍କା ଅଛି, ବଙ୍ଗଳା ଅଛି, ବ୍ୟାଙ୍କ ବାଲାନ୍ସ ଅଛି, ଦାମୀ ଗାଡ଼ି ଅଛି ସତ କିନ୍ତୁ ମାନବିକତା ଓ ସଂସ୍କାର ନାହିଁ। ମଣିଷ ପାଖରେ ଯେତେ ଧନ ଥିଲେ ଜୀବନର ଅନ୍ତିମ ସମୟରେ ଖାଲି ହାତରେ ହିଁ ଧରାପୃଷ୍ଠରୁ ବିଦାୟ ନେଇଥାଏ। ଦିନ ଥିଲା ଯୌଥ ପରିବାରରେ ଜନ୍ମଗ୍ରହଣ କଲେ ନିଜକୁ ଭାଗ୍ୟବାନ ମଣୁଥିଲେ। ପରିବାରରେ ବାପା, ବୋଉ, ଭାଇ, ଭଉଣୀ, ଦାଦା, ଖୁଡ଼ି, ଅଜା, ଆଇ, ପୁତୁରା, ଝିଆରୀଙ୍କ ସାଙ୍ଗରେ ଦିନଟି ହସଖୁସିରେ କଟିଯାଉଥିଲା। ଆଜି ଯୌଥ ପରିବାର ଭାଙ୍ଗିଯାଉଛି, ସ୍ନେହ ସମ୍ପର୍କ ମଳିନ ପଡ଼ିଯାଉଛି। ପରିବାର ଭିତରେ ଲକ୍ଷ୍ମଣରେଖା ଟଣାଯାଉଛି। ସାହି ପଡ଼ିଶା ଘର ସହିତ ସମ୍ପର୍କ ଭଲ ନାହିଁ। ଗୋଟେ ବାପ ତାର ଶତ୍ରୁ ପାଇଁ ଯେତିକି ଦୁଃଖ ପାଉନି ତା ପୁଅ ପାଇଁ ତା ଠାରୁ ଅଧିକ ଦୁଃଖ ପାଉଛି। ଭାଇଟିଏ ତାର ଶଳାକୁ ଯେତିକି ନିଜର ଭାବୁଛି ମାଆ ପେଟର ଭାଇକୁ ସେତିକି ନିଜର ଭାବୁନି। ଆଜି ମାଆର ଚାହିଦା କମିଯାଉଛି, ପତ୍ନୀର ଚାହିଦା ବଢ଼ିଯାଇଛି। ବାପଟିଏ ଆଜି କୋଉଠି ନିଜକୁ ଅସହାୟ ମଣୁଛି ତ ମାଆଟିଏ ରାତି ଅଧରେ ଗୁମୁରି ଗୁମୁରି କାନ୍ଦୁଛି, ଭାଇଟିଏ ନିଜ ଭାଇ ପାଇଁ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛି। ଆଜିର ବିଜ୍ଞାନ ଯୁଗରେ ବିକାଶର ଧାରାରେ ଦେଶ ଆଗଉଛି। ଅର୍ଥବଳ, ବାହୁବଳ, ପ୍ରତିପତ୍ତି ମଣିଷ



**ସୁବାଷ କୁମାର ତାରଣିଆଁ**

ସବୁକ୍ଷେତ୍ରରେ ଆଗଉଛି କିନ୍ତୁ ମଣିଷ ପଣିଆ ଓ ମାନବିକତା କ୍ଷେତ୍ରରେ ପଛାଇ ଯାଇଛି। ଭାଇ ବଞ୍ଚିଛି କିନ୍ତୁ ଭାଇଚାରା ମରିଯାଇଛି, ମଣିଷ ପଣିଆ କମିଯାଉଛି, ଜୀବନଚର୍ଯ୍ୟା ଓ ଜୀବନଧାରା ବଦଳିଯାଇଛି। ଦିନ ଥିଲା ମଣିଷ ଆଧ୍ୟାତ୍ମିକ ଚିନ୍ତା ଚେତନା ଭିତରେ ଦିନଚର୍ଯ୍ୟା କଟୁଥିଲା, ସଞ୍ଜ ହେଲେ ଭାଗବତ ପାଠ ହେଉଥିଲା, ରାମାୟଣ ଚର୍ଚ୍ଚା ହେଉଥିଲା, କିନ୍ତୁ ସେ ସମୟ ବଦଳିଗଲାଣି। ଏବେ ଭାଗବତ ଚର୍ଚ୍ଚା ବଦଳରେ ଫେସବୁକ୍ ଓ ହ୍ୱାଟସ୍‌ଆପରେ ସମୟ ଅତିବାହିତ ହେଉଛି। ଜଣେ ଗୁରୁଜନ ବ୍ୟକ୍ତି ପରାମର୍ଶ ଦେଲେ ଆଜିର ଯୁବପିଢ଼ି ତାକୁ ଥଟ୍ଟା ପରିହାସରେ ଉଡ଼ାଇ ଦେଉଛନ୍ତି। ମଣିଷ ଭୁଲିଯାଉଛି ମା'ର ସ୍ନେହ ଓ ମମତାକୁ।

ଏକଦା ଜଣେ ମହିଳା ବାଟରେ ଯିବା ସମୟରେ ଗୋଟିଏ ଅନାଥ ଆଶ୍ରମ ନିକଟରୁ ଜଣେ ଶିଶୁପୁତ୍ରକୁ ପାଇ, ତାକୁ ଘରକୁ ଆଣି, ନିଜର ପୁଅ ଭଳି ପାଳିପୋଷି ମଣିଷ କଲେ। ପିଲାଟି ମଧ୍ୟ ଉକ୍ତ ମହିଳାଙ୍କୁ ମାଆ ହିସାବରେ ବହୁତ ଭଲ ପାଉଥିଲା। କହିବାକୁ ଗଲେ ଉଭୟ ମାଆ ପୁଅଙ୍କ ପାରିବାରିକ ଜୀବନ ହସଖୁସିରେ କଟୁଥିଲା। କିଛିଦିନ ପରେ ପିଲାଟି ବଡ଼ ହେଲା, ଦୁନିଆର ଭଲମନ୍ଦ ବିଷୟରେ ଜାଣିଲା। ପିଲାଟି ମାଆଙ୍କ ଅଜାଣତରେ ଜଣେ ଜଣେ ଝିଅକୁ ଭଲପାଇ ବସିଲା। ଝିଅଟି ସୁନ୍ଦରୀ ଥିଲା ସତ କିନ୍ତୁ ମାନବିକତା ଓ ସଂସ୍କାର କଣ ସେ ଜାଣିନଥିଲା। କହିବାକୁ ଗଲେ ସେ ଝିଅ ଏକ ସଂସ୍କାରବିହୀନ ପରିବାରରେ ଜନ୍ମଗ୍ରହଣ କରିଥିଲା । କିଛିଦିନର ପ୍ରେମ ପରେ ଝିଅଟି ପିଲାଟିକୁ ବିବାହ କରିବାକୁ ଜିଦ୍ ଧରିବାରୁ, ପିଲାଟି ଅନ୍ୟ ଉପାୟ ନପାଇ ନିଜ ମାଆଙ୍କୁ ନଜଣାଇ, ଝଅଟିକୁ ସାଙ୍ଗରେ ଧରି ଘରେ ପହଞ୍ଚିଗଲା। ଭାବିଥିଲା ମାଆଙ୍କୁ ନଜଣାଇ ବୋହୁକୁ ସାଙ୍ଗରେ ଆଣିଥିବାରୁ, ମାଆ ନିଶ୍ଚିତ ରାଗିବେ, ଗାଳିମନ୍ଦ କରିବେ। କିନ୍ତୁ ମାଆ ଯେତେବେଳେ ଦେଖିଲେ ପୁଅ ବୋହୁକୁ ଘରକୁ ଆଣି ଆସିଛି, ସେତେବେଳେ ତାଙ୍କ ମାଆ ଅତି ଆନନ୍ଦରେ ପୁଅବୋହୁଙ୍କୁ ବନ୍ଦାପନା କରି ଘରକୁ ପାଛୋଟି ନେଲେ ଏବଂ ବୋହୁକୁ ମଧ୍ୟ ନିଜ ଝିଅ ଭଳି ଦେଖୁଥିଲେ। ମାଆଙ୍କର ସରଳତାର ସୁଯୋଗ ନେଇ ସଂସ୍କାରବିହୀନ ସୁନ୍ଦରୀ ଝିଅଜଣକ ତାର ସ୍ୱାମୀ ଆଗରେ ମାଆ ବିରୁଦ୍ଧରେ ଅଭିଯୋଗ କଲେ ଯେ, ତୁମ ମାଆ ମୋତେ ସବୁବେଳେ ଖଟାଉଛନ୍ତି, ମୁଁ ବିଶ୍ରାମ ନେବାକୁ ସମୟ ପାଉନାହିଁ। ବାସ୍ତବରେ ମାଆ ଜଣକ ତାଙ୍କ ବୋହୁକୁ କୁଟା ଖଣ୍ଡେକୁ ଦି'ଖଣ୍ଡ କରିବାକୁ ବି ଦେଉନଥିଲେ। ପତ୍ନୀର ବାରମ୍ବାର ଅଭିଯୋଗ ଶୁଣି ପସନ୍ଦରେ ମିଳିଥିବା ପତ୍ନୀକୁ ଖୁସିରେ ରଖିବା ପାଇଁ ପୂଣ୍ୟରେ ମିଳିଥିବା ମାଆକୁ ସବୁଦିନ ପାଇଁ ଅନାଥ ଆଶ୍ରମରେ ରଖିବାକୁ ମାଆକୁ ପ୍ରସ୍ତାବ ଦେବାରୁ ମାଆ ତତ୍‌କ୍ଷଣା ରାଜି ହୋଇଯାଇଥିଲେ। କାରଣ ସେ ଚାହୁଁନଥିଲେ ତାଙ୍କ ପାଇ ପୁଅ ବୋହୁ ଭିତରେ ଅଶାନ୍ତି ସୃଷ୍ଟି ନହେଉ। ପରଦିନ ପୁଅ ମାଆକୁ ନିଜ ଚାରିଚକିଆ ଯାନରେ ନେଇ ଏକ ଅନାଥ ଆଶ୍ରମରେ ଛାଡ଼ିଦେଇ ଫେରିବା ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ଭଦ୍ରବ୍ୟକ୍ତି ପିଲାଟିକୁ ଚିହ୍ନିପାରି ତାର ପୂର୍ବ ଘଟଣା ବର୍ଣ୍ଣନା କରିଥିଲେ। ଯେଉଁ ମହିଳାଜଣକ ଏହି ଅନାଥ ଆଶ୍ରମରୁ ପାଇ, ତୁମକୁ ପାଳିପୋଷି ମଣିଷ କରିଥିଲେ, ଆଜି ସେହି ମହିଳାଙ୍କୁ ତୁମେ ସେହି ଅନାଥ ଆଶ୍ରମରେ ଛାଡ଼ିବାକୁ ଆଣିଛ ? ମାନବିକତା ଓ ସଂସ୍କାର ପଣିଆକୁ ଭୁଲି, ମଣିଷ ଯେ ଏଭଳି ଜଘନ୍ୟ ଅପରାଧ କରିବସେ, ଏହା ଏକ ଜ୍ୱଳନ୍ତ ଉଦାହରଣ। ଏହିଭଳି ଘଟଣା ଆମ ସମାଜରେ ନିତିଦିନ ଘଟୁଛି କେବଳ ସଂସ୍କାରର ଅଭାବ ଯୋଗୁଁ। ସାରା ଦେଶରେ ମହାମାରୀ କରୋନା ତାଣ୍ଡବ ରଚିବା ସହିତ ସଂସ୍କାର ପଣିଆକୁ ମଧ୍ୟ ଗ୍ରାସ କରିଦେଇଛି। କରୋନା ଯୋଗୁ ମଣିଷ ମଣିଷଙ୍କ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଆଗଭଳି ଦେଖାହେଲେ ଯେପରି ଲୋକମାନେ କୋଳାକୋଳି ହେଉଥିଲେ, ପରସ୍ପର ମଧ୍ୟରେ ହାତ ମିଳାଇ ଭାବ ବିନିମୟ ହେଉଥିଲେ, ମାତ୍ର କରୋନା ଯୋଗୁ ଏଥିରେ ବ୍ୟତିକ୍ରମ ଘଟିଛି। ଜଣେ କରୋନା ସଂକ୍ରମିତ ରୋଗୀଙ୍କୁ ତାର ସାଙ୍ଗ, ସାଥୀ, ସାହି ପଡ଼ିଶା ଦେଖି ନଦେଖିଲା ଭଳି ଅଭିନୟ କରୁଛନ୍ତି, ଘୃଣା କରୁଛନ୍ତି, ମୃତ ବ୍ୟକ୍ତିଙ୍କ ଶବ ସଂସ୍କାର କରିବାକୁ ପାଇଁ ଲୋକେ ଭୟ କରୁଛନ୍ତି। ପ୍ରତିଦିନ ଶହ ଶହ ସଂଖ୍ୟାରେ ଆତ୍ମୀୟ ସ୍ୱଜନ ପ୍ରାଣ ହରାଉଥିଲେ ମଧ୍ୟ ସାନ୍ତ୍ୱନା ଟିକେ ଦେବା ପାଇଁ ମଣିଷ ଆଜି ପଛଘୁଞ୍ଚା ଦେଉଛି। ବାପ ପୁଅ, ସ୍ୱାମୀସ୍ତ୍ରୀ ଭିତରେ ସମ୍ପର୍କ ଛିନ୍ନ ହେଉଛି। ପ୍ରତିଦିନ ଅବିଶ୍ୱାସନୀୟ ଖବର ପଢ଼ି ପଢ଼ି ଜୀବନ ପ୍ରତି ବୈରାଗ୍ୟଭାବ ସୃଷ୍ଟି ହେଲାଣି। ଦିନ ଥିଲା ଦୁଇଜଣଙ୍କ ଭିତରେ ଝଗଡ଼ା ଲାଗିଲେ ତୃତୀୟ ବ୍ୟକ୍ତି ସମାଧାନ କରୁଥିଲା, ଆଜି ଦୁଇଜଣଙ୍କ ଭିତରେ ଝଗଡ଼ା ଲାଗିଲେ ତୃତୀୟ ଜଣକ ମୋବାଇଲରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡୁଛି। ଅତୀତର ସମୟ ସଂସ୍କାରପୂର୍ଣ୍ଣ ଥିଲା, ବର୍ତ୍ତମାନର ସମୟ ଶିକ୍ଷାପୂର୍ଣ୍ଣ। ବର୍ତ୍ତମାନ ମଣିଷ ଶିକ୍ଷା କ୍ଷେତ୍ରରେ ଆଗୁଆ। ପାଠ ପଢ଼ି ମଣିଷ ଯେତେ ଶିକ୍ଷିତ ହେଉଛି, ଦିନକୁ ଦିନ ମାନବିକତାକୁ ହରାଇ ବସୁଛି, ସଂସ୍କାର ପଣିଆକୁ ଭୁଲିଯାଉଛି। ଏସବୁ ପରିବେଶ ଓ ପରିସ୍ଥିତି ମଧ୍ୟରେ ବଞ୍ଚିବାକୁ ହେବ, ନିଜର ପାରିବାରିକ ଜୀବନକୁ ସୁନ୍ଦର କରିବାକୁ ହେବ, ସଂସ୍କାରକୁ ମଜବୁଭ କରିବାକୁ ପଡ଼ିବ। ଭଲ ମନ ପାଇଁ ଭଲ ଚିନ୍ତାଧାରା ଓ ଭଲ ବିଚାର ଦରକାର, ଭଲ ବିଚାର ପାଇଁ ଭଲ ଆହାର ଦରକାର, ଭଲ ଆହାର ପାଇଁ ଭଲ ସଂସ୍କାର ଦରକାର, ଭଲ ସଂସ୍କାର ପାଇଁ ଭଲ ପରିବାର ଦରକାର। ପାରିବାରିକ ଜୀବନକୁ ସୁନ୍ଦର କରିବାକୁ ହେଲେ ସଂସ୍କାରକୁ ମଜଭୁତ କରିବାକୁ ପଡ଼ିବ ତେବେ ଯାଇ ପାରିବାରିକ ଜୀବନରେ, ସାମାଜିକ ଜୀବନରେ ଆମେ ଶାନ୍ତି ଅନୁଭବ କରିପାରିବା।

**କଣ୍ଟି, ବାହାରଣା,**
**ବାଲିକୁଦା, ଜଗତସିଂହପୁର**

# ପରିବେଶପ୍ରିୟା ପ୍ରତିମାର ଭୀଷ୍ମ ପ୍ରତିଜ୍ଞା

ପ୍ରତିମାର ବାପା ପାଠଶାଠ ପଢ଼ିନାହାନ୍ତି ସିନା ପ୍ରତିମାକୁ କିନ୍ତୁ ପରିବେଶ ବିଜ୍ଞାନ ବିଷୟରେ ସ୍ନାତକଯାଏଁ ପଢ଼େଇବାର ସୁଯୋଗ ହାତଛଡ଼ା କରିନାହାଁନ୍ତି। ଗାଁ ପରିବେଶରେ ରହି ସେ ଯେତେବେଳେ ଶୁଣୁଛନ୍ତି ନିଶ୍ୱାସନେବାକୁ ଶୁଦ୍ଧ ପବନନପାଇ ଲୋକଗୁଡ଼ା ଛଟପଟ ହୋଇ ଅସମୟରେ ମରିଯାଉଛନ୍ତି ତା'ଙ୍କ ଆଖିରେ ଲୁହ ଆସିଯାଉଛି। ଗାଁଲୋକଙ୍କୁ ଖରାଦିନେ ଲିମ୍ବଗଛ ତଳେ ଖଟିଆ ବିଛେଇ ଶୋଇବାରେ ଯେଉଁ ଆନନ୍ଦ ସେ'ସବୁ ସହରରେ ସାତସପନ। ଭରପୁର ଅମ୍ଳଜାନ ମାଗଣା ମିଳୁଥିବା ଜାଗାର ଲୋକଟିଏ କାହିଁକି ବା ବିଶ୍ୱାସ କରିବ ଯେ ଟଙ୍କାକଉଡ଼ି ଦେଇ ବି ଅମ୍ଳଜାନ ଅଭାବରେ ବଡ଼ ଧନୀମଣିଷ କେତେ ଆରପାରିକୁ ଚାଲିଯାଉଛନ୍ତି। ପ୍ରତିମା ବେଳେବେଳେ ପରିବାରର ସମସ୍ତଲୋକଙ୍କ ସହ ଗାଁବାଲାଙ୍କୁ ଗଛଲଗେଇବା ବିଷୟରେ ବୁଝାଏ। ତା ନିଜ ପ୍ରଚେଷ୍ଟାରେ ପଂଚାୟତର ସମସ୍ତ ବିଦ୍ୟାଳୟରେ ଆଉ ଖାଲିଜାଗା କିଛିନାହିଁ, ସବୁ ଆମ୍ବ, ପଣସ, ଜାମୁକୋଳି, ଲିମ୍ବ ଗଛରେ ଭର୍ତ୍ତି ହୋଇସାରିଲାଣି। ଏବେ ଜିଲାପାଳ ମହୋଦୟଙ୍କୁ ସରକାରୀ ଜାଗାରେ ଗଛ ଲଗେଇବା ପାଇଁ ଅନୁମତି ମାଗିଛି। ତା'ଦେଖାଦେଖି କିଛି ସମାଜସେବୀ ସଂସ୍ଥା ମଧ୍ୟ ଆଖପାଖ ପଂଚାୟତରେ ଏହି ଗଛଲଗା କାର୍ଯ୍ୟ ଏବେ ଜୋରସୋର୍‌ରେ ଆରମ୍ଭ କରିଦେଲେଣି। ଏବେ ପରିବେଶକୁ ସଜାଡ଼ିବା ଦାୟିତ୍ୱ ସମସ୍ତ ନାଗରିକମାନଙ୍କୁ ନିଜେନିଜେ ନେବାକୁ ହେବ, ସରକାର କେତେ କରିବେ? ଜଣେ ସ୍ନାତକୋତ୍ତର ପରିବେଶବିଜ୍ଞାନ ଛାତ୍ରହିସାବରେ ବହୁଦିନରୁ ପରିବେଶ ସମ୍ବନ୍ଧିୟ ପ୍ରବନ୍ଧଟିଏ ଲେଖିବାକୁ ଇଚ୍ଛାଥିଲେ ମଧ୍ୟ ମୁଖ୍ୟତଃ ଦୁଇଟି କାରଣ ଯୋଗୁଁ ଏହା ସମ୍ଭବ ହୋଇପାରିନଥିଲା। ପ୍ରଥମତଃ ୨୦୨୦ମସିହାର ସମ୍ପୂର୍ଣ୍ଣ ତାଲାବନ୍ଦି ଯୋଗୁଁ ପରିବେଶ ଅନେକାଂଶରେ ସୁଧରିଯାଇଥିବାରୁ ଏ ବିଷୟଟି କିଛି ସମୟପାଇଁ ଜନମାନସରୁ ଲିଭି ଗୌଣ ହୋଇ ଯାଇଥିଲା। ଦ୍ୱିତୀୟତଃ ଲେଖୁଲେଖୁ ପ୍ରବନ୍ଧଟି ଏତେବଡ଼ ହୋଇଗଲା ଯେ କୌଣସି ଖବରକାଗଜରେ ଛପା ହେବାପରି ଯୋଗ୍ୟତା ହରେଇ ବସିଲା। ଯାହାହେଉ ଏଇ କେତେଦିନ ହେବ ଆମ ରାଜଧାନିରେ ଯେଉଁଭଳି ଅସହ୍ୟ ଗରମ ବୋଧହେଉଛି, ପୁଣିଥରେ ଏହି ବିଷୟକୁ ମସ୍ତିଷ୍କରେ ତାଜା କରିଛି। ଅବଶ୍ୟ ପାଠକବନ୍ଧୁଙ୍କ ଘରେ ଯଦି ଶୀତତାପ ନିୟନ୍ତ୍ରୀତ ଯନ୍ତ୍ର ଲଗେଇଥିବେ, ତେବେ ସହଜେ ଏ ତାଲାବନ୍ଦି ସମୟରେ ଦ୍ୱିପ୍ରହରଟି ନିବୁଜ ଘରଭିତରେ କଟେଇଦେଲେ ଜଣା ପଡୁନଥିବ। କିନ୍ତୁ ଯଦି ଥରେମାତ୍ର ଦିନ ଦୁଇଟାବେଳେ ପାଖବସ୍ତିଆଡ଼େ ବୁଲିଯିବେ ତାହେଲେ ତାପମାତ୍ରାର ଅସହ୍ୟ ଅତ୍ୟାଚାର ଉପରେ ଟିକେ ଧାରଣା ହେଲେ ଯାଇଁ ଏ ପ୍ରବନ୍ଧରେ ଆଲୋଚ୍ୟ ବିଷୟଗୁଡ଼ିକ ଆପେଆପେ ବୁଝିଯିବେ। ଖାଲି ଆମରାଜ୍ୟ ଓଡିଶାରେ ନୁହେଁ ଆଜି ସାରା ବିଶ୍ୱକୁ ତାପାମାତ୍ରା ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ ସଙ୍କଟ ନାଲିଆଖି ଦେଖେଇ ନିଦ ହଜେଇଦେଇଛି। କୌଣସି ଶରୀରରେ ଯେମିତି ମଧୁମେହକୁ ନଜଗିଲେ ଅନେକପ୍ରକାର ରୋଗ ମଣିଷକୁ ସହଜରେ ଗ୍ରାସି ଶେଷରେ ଖତମ୍ କରିବାକୁ ବସେ ସେପରି ଏହି ଉପରୋକ୍ତ ସମସ୍ୟାକୁ ଆମେ ଉପଯୁକ୍ତ ଧ୍ୟାନ ନଦେଇ ବେଖାତିର କଲେ ଆମକୁ ନିକଟ ଭବିଷ୍ୟତରେ ପାନୀୟଜଳ ସଙ୍କଟ, ଖାଦ୍ୟ ସଙ୍କଟ, କୃଷିଜାତ ଦ୍ରବ୍ୟର ଉତ୍ପାଦନ ହ୍ରାସ, ଜଙ୍ଗଲଜାତ ଦ୍ରବ୍ୟର ଅଭାବ, ବନ୍ୟ ପଶୁପକ୍ଷୀଙ୍କ ନିଶ୍ଚିହ୍ନ ହେବାର ଚିନ୍ତା ପରି ଅସଂଖ୍ୟ ସମସ୍ୟା ଗୋଟିଏ ପରେ ଗୋଟିଏ ମୁଣ୍ଡବିନ୍ଧାର କାରଣ ହେବ।

ଏ କଥା ଅଳ୍ପକିଛି କାଜୁଖିଆ ଧଳାହାତିଙ୍କ ମୁଣ୍ଡରେ ଆଦୌ ପଶୁନି। ରାସ୍ତାଘାଟ



**ଇଂ. ବିଦ୍ୟାଧର ପଣ୍ଡା**

ଚଉଡ଼ିକରଣ କାମରେ ବିଗତ ଦଶବର୍ଷ ଭିତରେ ଆମରାଜ୍ୟରେ ଲକ୍ଷଲକ୍ଷ ରାସ୍ତାକଡ ଗଛକାଟି ସଫାକରିଦେଲେ। ଅବଶ୍ୟ ଲଗେଇବାର ଯୋଜନା ଅର୍ଥ ସବୁ ବନ୍ଦୋବସ୍ତ ଅଛି, କିନ୍ତୁ ଫଳ ଆଖିଦୃଷ୍ଟିଆ ନୁହେଁ। ଚାରା ଅଧା ମରିଯାଉଛି କି ଲଗା ହେଉନି କିଏ କହିବ? ଏବେ ତ ଜଙ୍ଗଲବିଭାଗ ଲୋକମାନଙ୍କ ଘରୁ ବହୁତ ସୁନାଟଙ୍କା ବାହାରୁଛି, ଅନେକ ଫରେଷ୍ଟଗାର୍ଡ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ତାଙ୍କ ଭିତରୁ କେତେଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ମାମୁଁଘରେ ନେଇ ରଖୁଛନ୍ତି। ସେମାନେ ଯେଉଁ ପାପପାଇଁ ଆଜି ଏମିତି ଦହଗ ହେଉଛନ୍ତି ସେଥିରେ ବିଶ୍ୱ ଉତ୍ତାପ ବୃଦ୍ଧିରେ କିଛି ତ ସାହାଯ୍ୟ କରିଥିବେ !ତେବେସମସ୍ତଙ୍କୁ କ'ଣ ଧରିବା ଏତେ ସହଜ ? ନିଆଁଗିଲା ଗୁଡାକ ସିନା ଧରା ପଡୁଛନ୍ତି, ହେଲେ ଯେଉଁମାନେ ନେଇଆଣି ଥୋଇ ପାରୁଛନ୍ତି ସେମାନଙ୍କୁ କିଏ ଧରୁଛି ! ମୋଟାମୋଟି ଆମେ ଦେଖୁଛେ ଯେ ଯେତିକି ଗଛ ବର୍ଷକୁ କଟାଯାଉଛି ତା'ର ଦଶଗୁଣ ଲଗାହେବାର ନିୟମ ଥାଇ ସୁଦ୍ଧା ତା'ର ଅଧାଗଛ ବଢ଼ିବାର ଦୃଷ୍ଟିଗୋଚର ହେଉନାହିଁ। ସେଥିପାଇଁ ବର୍ଷାର ଠିକ୍‌ଠିକଣା ରହୁନି, ଅଦିନିଆ ଝଡବାତ୍ୟା ଆସି ଧନଜୀବନ ନଷ୍ଟ କରି ଚାଲିଯାଉଛି। ଭୂତଳ ଜଳସ୍ତର ତଳକୁ ଖସୁଛି ଏବଂ ଚତୁର୍ପାଶ୍ୱର ପରିବେଶରେ ମଣିଷ ସମାଜ ପାଇଁ ଅନୁକୂଳ ବାତାବରଣ ରହିପାରୁନି। ଏହା ମଣିଷର ଅନ୍ତର୍ମନରେ ମଧ୍ୟ କୁପ୍ରଭାବ ପକାଇବାରୁ ସମାଜର ନୀତିଗତ ମୂଲ୍ୟବୋଧର ମାନ ଦିନୁଦିନ ନିମ୍ନଗତି ହେବାରେ ଲାଗିଛି।ଆମଭିତରେ ଜଳଚର, ଆକାଶ ଚର ଏବଂ ସ୍ଥଳଚରମାନଙ୍କୁ ଛାଡିଲେ ଭୂମିଭିତରେ ମଧ୍ୟ ଅନେକ ପ୍ରାଣି ଜୀବନ ଧାରଣ କରି ବଂଚି ରହୁଛନ୍ତି। ତାପମାତ୍ରା ବୃଦ୍ଧି ସମସ୍ତଙ୍କୁ କିଛି ନା କିଛି ସମସ୍ୟାରେ ଛନ୍ଦିବାରେ ଲାଗିଛି। ବିଶେଷକରି ଆମର ଋତୁଗୁଡ଼ା ଏବେ ଠିକ୍ ସମୟରେ ଅନୁଭୂତ ହେଉନାହିଁ। ନାତିଶୀତୋଷ୍ଣ ଜଳବାୟୁର ଦେଶ ଭାରତରେ ଷଡରତୁ ପ୍ରତିବର୍ଷ ପ୍ରତ୍ୟେକ ଦୁଇଦୁଇମାସ ଧରି ରାଜୁତି କରିବା କଥା, କିନ୍ତୁ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବୈଜ୍ଞାନିକମାନେ ଡରେଇଲେଣି ଅଳ୍ପ କେଇଦଶନ୍ଧିରେ ଉତ୍ତରମେରରେ ସବୁ ବରଫତରଳିଯିବ ଏବଂ ସମୁଦ୍ରପତନ ଦଶରୁ ବାରଫୁଟ ଉପରକୁ ଉଠିଲେ ଆମ ଭାରତର ହଜାର ହଜାର ଉପକୂଳ ବର୍ତ୍ତି ଗ୍ରାମ, ସହର ସବୁ ନିଶ୍ଚିହ୍ନ ହୋଇଯିବ। ସେଗୁଡାକ ଭିତରେ କଲିକତା, ଦୀଘା, ପାରାଦିପ, ପୁରୀ ଓ ଗୋପାଳପୁର ସହ ବିଶାଖାପାଟଣା, ଚେନ୍ନେଇ, ରାମେଶ୍ୱରମ, କାଲିକଟ, ମାଙ୍ଗାଲୋର, କାରୱାର, ଗୋଆ, ମୁମ୍ୱେଇ, ଡାମନ୍ ଡିୟୁ ଏବଂ ଜାମନଗର ଆଦିର ନାଁ ବି ରହିଛି। କ'ଣ ମାଳିକା ସତ ହେବ ଏବଂ ବାଇଶି ପାହାଚରେ ମିନ ଖେଳିବ ?ଭାବିଲେ ଲାଗୁଛି ଏକଥା ଯଦି ସତ ହୁଏ ତେବେ ବହୁତ ବଡ ସମସ୍ୟା ମଣିଷପ୍ରଜାତି ପାଇଁ ଛିଡାହେବ ଯାହାକୁ ସାମ୍ନାକରିବା ଆଦୌ ସହଜ ନୁହେଁ। ଆମ ରାଜ୍ୟ ଓଡିଶା ପ୍ରାକୃତିକ ସମ୍ପଦାରେ ଭରପୁର। ସେସବୁ ଖଣିଜପଦାର୍ଥ ଗୁଡିକୁ ଖୋଳି ବାହାର କରିବା, ଗୋଟେ ଜାଗାରୁ ଅନ୍ୟଜାଗାକୁ ବୋହିନେବା ଏବଂ ସେହି ଜାଗାର ଆଖପାଖ ଅଂଚଳଗୁଡିକ ସହରାଂଚଳ ପାଲଟିବା କାର୍ଯ୍ୟକ୍ରମ ଭିତରେ ଜଳବାୟୁଟି ନଷ୍ଟହେବାକୁ ବାଧ୍ୟ। ଯଦିକେହି ସୁନ୍ଦରଗଡ, ଅନୁଗୁଳ କିମ୍ବା କେନ୍ଦୁଝରର କୌଣସି ଖଣିନିକଟ ସହର ଜୀବନକୁ ପାଖରୁ ଦେଖିବାର ସୁଯୋଗ ପାଇଥିବେ ସେମାନେ ଜାଣିଥିବେ ତାଳଚେରରେ ଦିନଯାକ ବୁଲି ଜଣେ ଘରକୁ ଫେରିଲେ ତା ନାକରୁ ଦଶକୋଡିଏ ଗ୍ରାମର କୋଇଲାଗୁଣ୍ଡ ନିହାତି ବାହାରିବ। ମୁହଁ ଧୋଇଲାବେଳେ କଳାକଳା ପାଣି ଆଖି, ନାକ ଓ କାନରୁ ବେସିନରେ ପଡିବ ହିଁ ପଡିବ ଯେତେ ମୁହଁ ବାନ୍ଧ କି ମାସ୍କଲଗାଅ କିଛି ଫରକ ନାହିଁ। ସବୁଠାରୁ ବଡକଥା ହେଲା ଏହି ପରିବର୍ତ୍ତନ ଏତେ ଧିରେଧିରେ ହୁଏ ଯାହା ସାଧାରଣ ଜନତା ପକ୍ଷରେ ଜାଣିବା ଏତେଟା ସମ୍ଭବପର ନୁହେଁ। ସେଥିପାଇଁ ଆମର ଜଳବାୟୁ ବିଭାଗ ଯେତେବେଳେ ଦଶବର୍ଷ ପୂର୍ବରୁ ଏବଂ ଦଶବର୍ଷ ପରେ ତାଙ୍କ ନଥିପତ୍ରରୁ ପ୍ରତ୍ୟକ୍ଷ ଚିତ୍ର ଆମ ସାମ୍ନାରେ ରଖୁଛନ୍ତି ସେତେବେଳେ ଆମ ଆଖି ସେ ବାହ୍ମଣୀବେଙ୍ଗ ଗୁଡାଙ୍କ ପରି ଖୋଲିଯାଉଛି।ବାହ୍ମଣୀବେଙ୍ଗ ଆଖି ଖୋଲିବା କଥା ବୁଝିହେଲାନି ବୋଧେ! ଆପଣ ସିନା ଜାଣିଛନ୍ତି, ହେଲେ ଆଉ କିଏ ଯଦି ଅବୁଝା ଥିବେ ତାଙ୍କପାଇଁ ଲେଖୁଛି। ଚୈନା ଲୋକମାନଙ୍କର ସବୁଠାରୁ ସୁସ୍ୱାଦୁ ବ୍ୟଞ୍ଜନ ହେଲା ଡଗ୍(କୁକୁର), ପିଗ୍(ଘୁଷୁରି) ଏବଂ ଫ୍ରଗ୍(ବେଙ୍ଗ)। ଆମଦେଶରେ ବି କିଛିକିଛି ଲୋକ ବଡବଡ ବେଙ୍ଗକୁ ବାହ୍ମଣୀବେଙ୍ଗ ବୋଲି କହି ଝୋଳକରନ୍ତି। ସେମାନଙ୍କର ରୋଷେଇ ପ୍ରକ୍ରିୟା ଅନୋଖା। ପ୍ରଥମେ ଜିଅନ୍ତା ବେଙ୍ଗଗୁଡିକୁ ଗୋଟେପାତ୍ରରେ ଗୃହ ତାପମାତ୍ରାରୁ ଦଶଡିଗ୍ରୀ କମ୍ ବରଫମିଶା ଥଣ୍ଡାପାଣିରେ ରଖି ଚୁଲାରେ ବସାଇ ବହୁତ ଧିମା ଆଂଚ ଜାଳରେ ପାଣିକୁ ଗରମ କରାଯାଏ। ହଠାତ୍ ତାପମାତ୍ରା ବଢିବା ଜାଣିଲେ ବେଙ୍ଗଗୁଡିକ ଫଟାଫଟ୍ ଡେଇଁ ପାତ୍ରବାହାରକୁ ଚାଲିଯିବେ, ତେଣୁ ଧିରେଧିରେ ପାଣିର ତାପମାତ୍ରା ବଢାଇଲେ ସେମାନେ ମଜାରେ ପହଁରୁପହଁରୁ କେତେବେଳେ ତାପାମାତ୍ରା ସୀମାପାରକରି ଘାତକ ରୂପନିଏ ସେମାନେ ଜାଣି ପାରନ୍ତିନି। ଫଳତଃ ଚାଳିଶଡିଗ୍ରୀ ଉପରକୁ ତାପମାତ୍ରା ଗଲାବେଳକୁ ଆଉ ସେମାନଙ୍କର ଡେଇଁ ବାହାରିବା ଶକ୍ତି ନଥାଏ , ଛାଲ ଛାଡିଯାଏ ଏବଂ ସିଝି ଖାଦ୍ୟରୂପରେ ପ୍ରସ୍ତୁତ ହୋଇଯାଆନ୍ତି। ସେମାନଙ୍କ ପାଇଁ ମଜା ଓ ସଜା ଭିତର ଯେଉଁ ତାପମାତ୍ରା ସଂକ୍ରମଣକାଳରେ ଆଖିଖୋଲିଲା ପରି ଦିନେ ନା ଦିନେ ମଣିଷପ୍ରଜାତିର ଆଖି ଖୋଲିବା ନିଶ୍ଚିତ କଥା କିନ୍ତୁ ସେତେବେଳକୁ ନେଡିଗୁଡ କହୁଣୀକୁ ବୋହିଯାଇଥିଲେ କ'ଣ ବା ଆଉ କରିହେବ! ତେଣୁ ଏବେଠାରୁ ଯେଉଁଯାଗାକୁ ଚାଲିକି ଯାଇହେବ ଯାଅ କି ସାଇକେଲରେ ଯାଅ, ଗାଡିନେଇ ଡିଜେଲ ପେଟ୍ରୋଲ ଜଳେଇ ଜଳବାୟୁ ଦୁଷିତ କରିବା କ'ଣ ଦରକାର? ପଚାଶ ଶହେ ବର୍ଷ ଆଗରୁ ରାସ୍ତାକଡରେ ଗଛଲଗାଇବା ପାଇଁ ସରକାରୀ ଯୋଜନା ନାଁରେ କିଛି ନଥିଲା କିନ୍ତୁ ଆମକୁ ପ୍ରାୟ ସଡକଦୁଇପଟରେ ପଚାଶ ଶହେବର୍ଷର ପୁରୁଣା ଗଛ ଦେଖିବାକୁ ମିଳୁଛି କେମିତି? କିଛିଲୋକ ଥିଲେ ଯେଉଁମାନେ ଏପରି କାମ ସ୍ୱତଃପ୍ରବୃତ ଭାବରେ କରୁଥିଲେ ବୋଲି ଆମେ ଏବେ ସେଗୁଡିକୁ କାଟିଚାଲିଛେ। ଆମେ ବି ଏମିତି କିଛି ଲଗେଇଲେ ସିନା ଆମର ଭବିଷ୍ୟତ ପିଢି କାଟିଲାବେଳେ ଆମକୁ ମନେ ପକେଇବେ! ତେଣୁ ପ୍ରତ୍ୟେକ ନାଗରିକ ଯଦି କେବଳ ମାତ୍ର ଦଶଟି ଲେଖାଏଁ ଗଛ ବର୍ଷକୁ ଲଗାନ୍ତି ତେବେ ଖାଲି ଓଡିଶାରେ ପ୍ରତିବର୍ଷ ଚାଳିଶକୋଟି ଗଛ ଉଠୁରିବ। ଅଧା ବଂଚିଲେ ବି କାହିଁରେ କ'ଣ। ଏହାର ଆବଶ୍ୟକତା ଏବେ ଆସିଛି, ଆମ ଆଖିଖୋଲି ନିଜେ ଜୀବନଯାକରେ ଯେତେ ଅମ୍ଳଜାନ ନେବା ସେତିକି ପାଇଁ ନିଜକୁ ସେହି ଅମ୍ଳଜାନ ତିଆରିକରୁଥିବା ଗଛଗୁଡିକୁ ନିଜହାତରେ ଲଗେଇ ବଢେଇବାକୁ ପଡିବ। ନହେଲେ ଆଜି ଯାହା ଆମେ ଶୁଣୁଛେ ବିନା ଅମ୍ଳଜାନରେ ଶହଶହ ସହରୀ ଲୋକ ପୋକମାଛି ପରି ଠକ୍‌ଠାକ୍ ମରିଯାଉଛନ୍ତି, ସେପରି ଆମସାଥିରେ ଗାଁ ଗଣ୍ଡାରେ ହେବାକୁ ବେଶୀ ସମୟ ଆଉ ବାକିନାହିଁ।

ଆଠଗଡ ନଦୀକୂଳ ଅଂଚଳର ଝିଅ ପ୍ରତିମା। ଅନ୍ୱେଶତ ମହାବତ୍ୟାର ଶେଷଦିନ ଜନ୍ମ ହୋଇଥିଲା, ଏବେ ତାକୁ ବାଇଶି ବର୍ଷ। ବାପାକକା ଷୋଳବର୍ଷ ବୟସରୁ ତା ପାଇଁ ବରପାତ୍ରଟିଏ ଖୋଜିଖୋଜି ନୟାନ୍ତ ହେଲେଣି। ଅନେକ ସୁନ୍ଦର, ଧନୀ ଓ ଶିକ୍ଷିତ ପୁଅ ପ୍ରତିମା ପାଇଁ ଆସିଥିଲେ, ହେଲେ ତା'ଙ୍କ ସହ କଥାହେବା ପରେ ପ୍ରତିମା ସମସ୍ତଙ୍କୁ ମନା କରିଦେଉଛି। ପ୍ରତିମା ଦେଖିବାକୁ ବହୁତ ସୁନ୍ଦର। ଆଖିରେ ତା'ର ଗୋଟେ ଅଜବ ଆକର୍ଷଣ, ପୁଅଟିଏ ଚାହିଁଦେଲେ ତା'ଚେହରା ଉପରୁ ଆଖି ଫେରେଇନେବା ଏତେ ସହଜ ନୁହେଁ। ଗୋଲ୍‌ଗାଲ୍ ଚେହେରା ସାଙ୍ଗକୁ କଳାନାଗ ପରି ଗୋଛାଏ ଚିକ୍କଣ କଳାବାଳ ଅଂଟାତଳକୁ ଲମ୍ବିଛି। ଗହମରଙ୍ଗର ଶରୀରସାଙ୍ଗକୁ ଉନ୍ମୁକ୍ତ ସୁଢଳବକ୍ଷୋଜରେ ସିନେମାନାୟିକା ମାନେ ବି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ତା'ଠାରୁ ହାର୍ ମାନିଯିବେ। ଯେତେଜଣ ପୁଅଘର ତା'ପାଇଁ ଆସିଛନ୍ତି ସମସ୍ତଙ୍କର ସିଏ ଅମଙ୍ଗ ହେବାରୁ ମନଦୁଃଖ। ଗୋଟେପୁଅ ତ ଜିଦ୍ ଧରି ଏବେ ବି ବସିଛି ଯେ ବାହା ହେବ ତ ସେହି ଝିଅ ପ୍ରତିମାକୁ ନହେଲେ ଜୀବନ ସାରା କୁଆଁରା ରହିବ ପଛେ ଅନ୍ୟଝିଅକୁ ବାହାହେବାର ପ୍ରଶ୍ନ ଉଠୁନି। କିନ୍ତୁ କିଏ କ'ଣ କରିବ ପ୍ରତିମା ତ ତା'କୁ ରିଜେକ୍ଟ କରିଦେଇଛି। ସିଏ ଜୀବନରେ ଗୋଟିଏ ଗଛ ନିଜେ ଲଗେଇନି କି ତାକି ଗଛବୃଛ ଲଗେଇବାକୁ ଭଲ ଲାଗେନି ବୋଲି କହି ପ୍ରତିମାର ମେନ୍ ସୁଇଚିଡାଉନ୍ କରିଦେଇଛି। କଟ୍‌ଆଉଟ୍ ଜଳିଥିଲେ ଅବା କେହି ଫ୍ୟୁଜ୍ ବାନ୍ଧିଥାନ୍ତେ, ଯେ ତ ମେନ୍ ସୁଇଚ୍ ଅଫ୍ ଘଟଣା। ତାକୁ କିଏ ଟାକିବ, ଚାରିଶହ ଚାଳିଶ ଭୋଲ୍ଟ କରେଂଟ। କରୋନାକାଳରେ ଏବେ କିନ୍ତୁ ଆଉ ଜୀବନକୁ ଭରସା ନାହିଁ ବୋଲି ପ୍ରତିମାର ବାପାମାଆ ଦୁହେଁ ନିଇତି ଘଡିଏଘଡିଏ ବୁଝାଇ ତା'କୁ ବ୍ୟତିବ୍ୟସ୍ତ କରିପକାଉଛନ୍ତି। ପ୍ରତିମା ସେ ପୁଅମାନଙ୍କ ସାଙ୍ଗରେ କ'ଣସବୁ କି କଥା ହୁଏ, କେହି ଜାଣନ୍ତିନି। ସେମାନେ ଯାଙ୍କ ହିସାବରେ ସବୁ ଜଣେ ଜଣେ ଭଲ ବରପାତ୍ର, କିନ୍ତୁ ପ୍ରତିମା ସହ ସାକ୍ଷାତକରିବାର କେଇମିନିଟ୍ ପରେ ବାହାଘର ପାଇଁ ପ୍ରତିମା ମନା କରିଦେଉଛି। ଶେଷରେ ପ୍ରତିମାର ଜଣେ ପଡାସାଙ୍ଗ ତା'ଙ୍କ ଘରକୁ ଆସି ଖୋଲାକଥା ହେବାରୁ ସମସ୍ତଙ୍କୁ ପ୍ରକୃତ କଥା ସ୍ପଷ୍ଟ ହେଲା। ପ୍ରତିମାର ଗୋଟେ ସର୍ତ୍ତ ଅଛି। ସେ ଯାହାକୁ ବିବାହ କରିବ ଅତିକମ୍‌ରେ ସିଏ ବିବାହ ପୂର୍ବରୁ ଦଶଟିଗଛ ନିଜହାତରେ ଲଗେଇଥିବ ଏବଂ ବିବାହ ପରେ ପ୍ରତି ବିବାହବାର୍ଷିକିରେ ଶହେଟି ଗଛ ବାଂଟିବ ଓ ଶହେଟି ଗଛ ଦୁହେଁଲଗେଇ ବର୍ଷଗାଣ୍ଠି ଦିନଗୁଡ଼ିକୁ ନିଜର ହାତଗୋଡ ଚଳିବାଯାଏଁ ପାଳନ କରିବେ। ଏପର୍ଯ୍ୟନ୍ତ ଯେତେସବୁ ପ୍ରତିମା ପାଇଁ ବରପାତ୍ର ଆସିଛନ୍ତି ତନ୍ମଧ୍ୟରୁ ଅର୍ଦ୍ଧାଧିକ ପ୍ରଥମ ପରୀକ୍ଷାରେ ଫେଲ୍ ହୋଇ ଫେରିଯାଇଛନ୍ତି। ମାନେ ସେମାନଙ୍କର ପଚିଶରୁ ତିରିଶବର୍ଷ ଜୀବନକାଳ ଭିତରେ ଦଶଟି ଗଛ ନିଜହାତରେ କେହି ଆଗରୁ ଲଗେଇନାହାନ୍ତି। ବାକିଯେଉଁମାନେ ଲଗେଇଛନ୍ତି ସେମାନେ ବିବାହବାର୍ଷିକି ଦିନଟିକୁ ବଡବଡ ହୋଟେଲ୍ ଆଦିରେ ପାଳନକରିବାକୁ ପସନ୍ଦ କରନ୍ତି, ହେଲେ ପ୍ରତିମାର ଏ ଗାଉଁଲି ପ୍ରସ୍ତାବରେ ରାଜିନୁହଁନ୍ତି। ପ୍ରତିମାର ଏପରି ଅସମ୍ଭବ ପ୍ରତିଜ୍ଞା ବିଷୟରେ ଜାଣିବାପରେ ତା'କକା କହିଲେ ଏହାର ଆଉ ବାହାଘର ହୋଇପାରିବନି। କାରଣ ଆଜିକାଲି ଟୋକାଙ୍କ ଭିତରେ କିଏ ଦଶଟା ଗଛ ଜବାନସମୟରେ ଲଗଉଛି ଯେ ଇଏ ତା'କୁ ବାଛିବ। ଏହାର ସୁନ୍ଦରତା ଦେଖି ପର କଥାଗୁଡିକ ଅବଶ୍ୟ ସିଏ ମଙ୍ଗି ଯାଇପାରେ, କିନ୍ତୁ କ୍ୱାଲିଫାୟେ କରିବାକୁ ପୂର୍ବରୁ ଦଶଟିଗଛ ଜାଗାରେ ଗୋଟିଏ ଦୁଇଟା ଅବା ଚଳେଇଲେ କିଏ ମିଳିପାରନ୍ତି, ନହେଲେ ନାହିଁ। ମୋତେ ଲାଗୁଛି ଏ ଝିଅ ଜୀବନସାରା ଆମଘରେ ରହିବାକୁ ଏମିତି ଏକ ଅଭୁତ ପ୍ରତିଜ୍ଞା କରିଛି। ଯେତେଯିଏ ବୁଝେଇଲେ ପ୍ରତିମା କହୁଛି ଏହା ତା'ର ଭୀଷ୍ମ ପ୍ରତିଜ୍ଞା। ସତରେ ଏ ଅଭୁତ ନିୟମକୁ ଶୁଣିଲେ ଆପଣ ହସୁଥାଇ ପାରନ୍ତି, କିନ୍ତୁ ଟିକେ ନିଜ ମୁହଁ ଦର୍ପଣରେ ଦେଖି ନିଜକୁ ପଚାରିଲେ ଆପଣ କେତେଟା ଗଛ ଏପର୍ଯ୍ୟନ୍ତ ଲଗେଇଛନ୍ତି ନା ନିକଟ ଭବିଷ୍ୟତରେ କେତୋଟି ଲଗେଇବାର ଯୋଜନା ଅଛି। ଏ ବିଷୟରେ ଥରେ ଗୁରୁତ୍ୱର ସହ ଭାବି ଦେଖନ୍ତୁ। ଆପଣଙ୍କ ଧର୍ମପତ୍ନୀ ଯଦି ପ୍ରତିମାପରି ଏମିତି କିଛି ପ୍ରତିଜ୍ଞା କରିଥାନ୍ତା ତେବେ ଆପଣ କ'ଣ ଘରସଂସାର କରିପାରିଥାନ୍ତେ? ଉତ୍ତର ସମସ୍ତଙ୍କୁ ଜଣା। ତେବେ ଏବେ ଚାଲନ୍ତୁ ପ୍ରାୟଶ୍ଚିତ୍ କରିବା, ବର୍ଷାଋତୁ ପୂର୍ବରୁ ଅନ୍ୟୁନ ନିଜକୁ ଯେତେ ବୟସ, ସେତିକିଟି ଗଛଲଗେଇ ପରିବେଶରୁ ଆମେ ନିଶ୍ୱାସରେ ଯେତିକି ଅମ୍ଳଜାନ ନେଇ ସାରିଛେ ତାକୁ ପ୍ରକୃତି ମାଆକୁ ପରିଶୋଧ କରିବା। ପରିବେଶର ଋଣମୁକ୍ତ ନହେଲେ ସ୍ୱର୍ଗ କେମିତି ମିଳିବ! ବାର୍ଷାଋତୁ ଆସିବାକୁ ଆଉମାତ୍ର ଅଳ୍ପଦିନ ବାକି, ଡେରିକଲେ ଚଳିବନି। ସରକାର ଉପରେ ଭରସା ନକରି ଆସ ଗଛ ଲଗେଇବା, ଆମ ପରିବେଶ ଆମେ ଗଢ଼ିବା।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ),
ଏଲ୍‌ଏଲ୍‌ବି, ଭଜନ ସଂଗୀତ (bidyadhar panda music - in youtube)
ପ୍ରତିଷ୍ଠାତା, ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ-୯୪୩୯୧୨୮୦୫୦/
bdpanda1@gmail.com




# କେନ୍ଦ୍ରାପଡା ଜିଲ୍ଲାରେ ଆଜି ୨୦୪କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଗୁରୁବାର ୨୦୪ ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୫ଟି କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୨୮, ଗରଦପୁର ବ୍ଲକରେ ୫, କେନ୍ଦ୍ରାପଡା ବ୍ଲକରେ ୫୦, ମହାକାଳପଡା ବ୍ଲକରେ ୨୧, ମାର୍ଶାଘାଇ ବ୍ଲକରେ ୨୯ , ପଟ୍ଟାମୁଣ୍ଡାଇ ବ୍ଲକରେ ୨୩, ରାଜକନିକା ବ୍ଲକରେ ୬, ରାଜନଗର ବ୍ଲକରେ ୨୫ ଏବଂ କେନ୍ଦ୍ରାପଡା ପୌରାଞ୍ଚଳରେ ୪ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି । ଜିଲ୍ଲାରେ ଧିରେ ଧିରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାରୁ କୋଭିଡ କଟକଣାକୁ ଆହୁରି କଡାକଡି କରାଯିବାର ଆବଶ୍ୟକତା ରହିଛି । ଗୁରୁବାର ସୁଦ୍ଧା ଜିଲ୍ଲାରେ ୧୦୯୮ଟି କରୋନା ଆକ୍ଟିଭ କେଶ ରହିଥିବା ବେଳେ ସେଥିମଧ୍ୟରୁ ୯୫୧ଜଣ ଗୃହ ସଂଗରୋଧରେ ଓ ୧୪୭ଜଣ କୋଭିଡ ହସପିଟାଲରେ ଅଛନ୍ତି ଓ ୩୫ଜଣଙ୍କର ମୃତ୍ୟୁ ହୋଇଛି । ଆଜି ୧୮୫ଜଣ କରୋନା ପଜିଟିଭ ଡିସଚାର୍ଜ ହୋଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ଆଳି ବ୍ଲକର ୭୩ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୬୨ଜଣ ଗୃହ ସଂଗରୋଧରେ ଓ ୧୦ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୫ଜଣଙ୍କୁ ଡିସଚାର୍ଜ କରାଯାଇଛି । ଡେରାବିଶି ବ୍ଲକର ୧୪୬ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୨୬ଜଣ ଗୃହ ସଂଗରୋଧରେ ଓ ୧୯ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୨୪ଜଣଙ୍କୁ ଡିସଚାର୍ଜ କରାଯାଇଛି । ଗରଦପୁର ବ୍ଲକର ୬୧ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୫୧ଜଣ ଗୃହ ସଂଗରୋଧରେ ଓ ୯ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୧୮ଜଣଙ୍କୁ ଡିସଚାର୍ଜ କରାଯାଇଛି । କେନ୍ଦ୍ରାପଡା ବ୍ଲକର ୨୨୩ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୭୮ଜଣ ଗୃହ ସଂଗରୋଧରେ ଓ ୪୫ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୩୫ଜଣଙ୍କୁ ଡିସଚାର୍ଜ କରାଯାଇଛି । ମହାକାଳପଡା ବ୍ଲକର ୯୨ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୭୯ଜଣ ଗୃହ ସଂଗରୋଧରେ ଓ ୧୩ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୩୬ଜଣଙ୍କୁ ଡିସଚାର୍ଜ କରାଯାଇଛି । ମାର୍ଶାଘାଇ ବ୍ଲକର ୧୩୩ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୨୧ଜଣ ଗୃହ ସଂଗରୋଧରେ ଓ ୧୧ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୨୧ଜଣଙ୍କୁ ଡିସଚାର୍ଜ କରାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକର ୧୨୭ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୧୦ଜଣ ଗୃହ ସଂଗରୋଧରେ ଓ ୧୫ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୧୬ଜଣଙ୍କୁ ଡିସଚାର୍ଜ କରାଯାଇଛି । ରାଜକନିକା ବ୍ଲକର ୬୬ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୫୮ଜଣ ଗୃହ ସଂଗରୋଧରେ ଓ ୮ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୮ଜଣଙ୍କୁ ଡିସଚାର୍ଜ କରାଯାଇଛି । ରାଜନଗର ବ୍ଲକର ୧୧୫ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୧୧ଜଣ ଗୃହ ସଂଗରୋଧରେ ଓ ୪ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୧୭ଜଣଙ୍କୁ ଡିସଚାର୍ଜ କରାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳର ୪୮ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୪୧ଜଣ ଗୃହ ସଂଗରୋଧରେ ଓ ୭ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ବେଳେ ୩ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାର ୧୪ଟି ଆକ୍ଟିଭ କେଶ ଥିବା ବେଳେ ସେଥିରୁ ୧୪ଜଣ ଗୃହ ସଂଗରୋଧରେ ଥିବାବେଳେ ୨ଜଣଙ୍କୁ ଡିସଚାର୍ଜ କରାଯାଇଛି । ଆଜି ସକାଳ ୮ଟା ୩୬ ମିନିଟ ସୁଦ୍ଧା ମୋଟ ୧୩ହଜାର ୫୭ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ମୋଟ ୧୧୧୨ଟି ଆକ୍ଟିଭ କେଶ ରହିଛି ଓ ମୋଟ ୧୧ହଜାର ୯୦୯ଜଣ କୋଭିଡରୁ ସୁସ୍ଥ ହୋଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ମୃତ୍ୟୁବରଣ କଲେ ୫୦ଲକ୍ଷ ଟଙ୍କା ଏବଂ ପରିବାରରୁ ଜଣଙ୍କୁ ନିଯୁକ୍ତି ଦାବି

ଭୁବନେଶ୍ୱର : ସାମ୍ପ୍ରତିକ ବିଶ୍ୱବ୍ୟାପୀ କରୋନା ମହାମାରୀ ପରିପ୍ରେକ୍ଷୀରେ ଆମ ରାଜ୍ୟରେ ହଜାର ହଜାର ଜନତା କରୋନା ମହାମାରୀରେ ଶିକାର ହେବା ସହ ମୃତ୍ୟୁବରଣ କରୁଛନ୍ତି । କରୋନାଗ୍ରସ୍ତ ଚିକିତ୍ସିତ ବ୍ୟକ୍ତିମାନଙ୍କୁ ସହଯୋଗ ଓ ଚିକିତ୍ସିତ କରିବା ସହ ଏଥି ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ କରୋନା ଯୋଦ୍ଧା ଯଥା– ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି ଓ ପୋଲିସମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ସେମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କା ମୃତ୍ୟୁକାଳୀନ କରୋନା ସହାୟତା ଘୋଷଣା କରିବା ସହ ପ୍ରଦାନ କରିଆସୁଅଛନ୍ତି । ବର୍ତ୍ତମାନ କରୋନାର ଦ୍ୱିତୀୟ ଲହରି ପରିପ୍ରେକ୍ଷୀରେ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ମୃତ୍ୟୁକାଳୀନ ସହାୟତା ରାଶି ୧୫ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିବା ସହ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି । ଏଥିପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଅଛୁ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ବିଭିନ୍ନ କମ୍ପାନୀ ଓ ବିଦ୍ୟୁତ୍ ଉତ୍ପାଦନ, ସରବରାହ, ରକ୍ଷଣାବେକ୍ଷଣ, ଘରୋଇ ଏବଂ ବ୍ୟବସାୟ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ୍ ହସ୍ପିଟାଲ ସହ ବିଭିନ୍ନ ସରକାରୀ, ବେସରକାରୀ ହସ୍ପିଟାଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଉତ୍ପାଦନ କରୁଥିବା ଶିଳ୍ପାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥାକୁ ଦିବାରାତ୍ର ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିବା ବିଦ୍ୟୁତ୍ କର୍ମଚାରୀ ଉଭୟ ଠିକା ଓ ସ୍ଥାୟୀ ଶ୍ରମିକଙ୍କୁ କୌଣସି ସାମାଜିକ ନିରାପତ୍ତା ପ୍ରଦାନ କରାଯାଉ ନାହିଁ । ବିଦ୍ୟୁତ୍ ବିଭାଗ ଏକ ଅତ୍ୟାବଶ୍ୟକୀୟ ସେବା ସଂସ୍ଥା । ଉକ୍ତ ସଂସ୍ଥା ଯଦି ଅଚଳ ହୁଏ ତାହାହେଲେ ସମସ୍ତ ବ୍ୟବସ୍ଥା ଅଚଳ ହୋଇପଡ଼ିବ । କରୋନା ମହାମାରୀ ସମୟରେ ନିରବଚ୍ଛିନ୍ନ ସେବା କରି ପ୍ରାୟ ୫୮୮ଜଣ ବିଦ୍ୟୁତ୍ କର୍ମଚାରୀ କରୋନା ଆକ୍ରାନ୍ତ ହେବା ସହ ୧୫ଜଣ ମୃତ୍ୟୁବରଣ କରିଛନ୍ତି । ତେଣୁ ବାସ୍ତବତାକୁ ବିଚାର କରି ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ ସ୍ଥାୟୀ, ଚୁକ୍ତିଭିତ୍ତିକ ଏବଂ ବିଭିନ୍ନ ଆଉଟସୋର୍ସିଂ କମ୍ପାନୀ ଦ୍ୱାରା ନିଯୁକ୍ତିପ୍ରାପ୍ତ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ସେମାନଙ୍କୁ ୫୦ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ସହ ସେମାନଙ୍କ ପରିବାର ମଧ୍ୟରୁ ଜଣଙ୍କୁ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ ସହ ରାଜ୍ୟ ସରକାର ଅନ୍ୟ ସରକାରୀ ଅଫିସ୍‌ରେ ୨୫ ଭାଗ ଲୋକଙ୍କୁ ନେଇ କାର୍ଯ୍ୟ କରିବା ସହ ସାପ୍ତାହିକ ଶନିବାର ଛୁଟି ଘୋଷଣା କରିବା ନିମନ୍ତେ ଏଆଇଟିୟୁସି ଓଡ଼ିଶା ରାଜ୍ୟ କମିଟି ତରଫରୁ ଉପସାଧାରଣ ସମ୍ପାଦକ ବିଜୟ ଜେନା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ମାଧ୍ୟମରେ ଦାବି କରିଛନ୍ତି ।

# ପୁରୀ ଜିଲ୍ଲାରେ ନୂଆ ୩୫୬ କରୋନା ପଜିଟିଭ୍ ଚିହ୍ନଟ : ପୁରୀ ପୌରାଚଂଳରୁ ସର୍ବାଧିକ ୭୩

ପୁରୀ: ପୁରୀ ଜିଲ୍ଲାରେ ଆଜି ନୂଆ ୩୫୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୨୪ ଜଣ, ବ୍ରହ୍ମଗିରିରୁ ୧୭ ଜଣ, ଡ଼େଲାଙ୍ଗ ବ୍ଲକରୁ ୧୫, ଗୋପ ବ୍ଲକରୁ ୩୩, କାକଟପୁର ବ୍ଲକରୁ ୧୬ ଜଣ ଏବଂ କଣାସ ବ୍ଲକରୁ ୧୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୋଣାର୍କ ବିଜ୍ଞାପିତ ଅଂଚଳରୁ ୪ ଜଣ, କୃଷ୍ଣପ୍ରସାଦ ବ୍ଲକରୁ ୧୪ ଜଣ, ନିମାପଡ଼ା ବ୍ଲକରୁ ୪୩ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୫ ଜଣ, ପିପିଲି ବ୍ଲକରୁ ୨୯ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୪ ଜଣ, ପୁରୀ ସଦର ବ୍ଲକରୁ ୪୫ ଜଣ ଏବଂ ପୁରୀ ପୌରାଚଂଳରୁ ସର୍ବାଧିକ ୭୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୧୫ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୬ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୦ ତାରିଖରେ ପୁରୀ ଜିଲ୍ଲାରେ ଦ୍ୱିତୀୟ ଲହରରେ ସର୍ବାଧିକ ୭୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ, ପ୍ରବୀଣ ତଥା ଛାତ୍ରବତ୍ସଳ ଶିକ୍ଷକ ଦୁର୍ଗା ଚରଣ ମହାନ୍ତିଙ୍କର ବୁଧବାର ବିଳମ୍ବିତ ରାତିରେ ବିୟୋଗ ହୋଇଯାଇଛି । ମୃତ୍ୟୁ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଏସମ୍ପର୍କରେ ଖବର ପାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ସାମଲ, ପୁରାତନ ଛାତ୍ର ସୁଶିଲ ସାମଲ, ସାମ୍ବାଦିକ ନରେନ୍ଦ୍ର ଧଳ, ଚିତ୍ତ ମଲ୍ଲିକ, ଅମୃତମଣୋହୀ ସରପଞ୍ଚ କୁଳମଣୀ ମଲ୍ଲିକ, ନୂଆପଡା ସରପଞ୍ଚ ସବ୍ୟସାଚୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୀତେନ୍ଦ୍ର ରାଉତ, ନିଶାମଣି ମହାନ୍ତି, ସୁରେନ୍ଦ୍ର ମଳିକ, ନୟନ ରାଉତ, ଗୁରୁଚରଣ ଦାସ, ଜୟହିନ୍ଦ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜିତ ରାଉତ, ଭଗବାନ ରାଉତ, ପ୍ରାଧ୍ୟାପକ ଅଶୋକ ନାୟକ, ପ୍ରଧାନ ଶିକ୍ଷକ ପାର୍ଥସାରଥୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ବିଜେଡି ନେତା ରବୀନ୍ଦ୍ର ପରିଡା, ସତ୍ୟାନନ୍ଦ ଦାଶ, ଶିକ୍ଷକ ରମେଶ ଚନ୍ଦ୍ର ଦାଶ, ଶିଶିର ରାଉତ, ପ୍ରଶନ୍ନ ରାଉତ, ଶିଳ୍ପଦ୍ୟୋଗୀ ମଣ୍ଟୁ ସ୍ୱାଇଁ, ଅମୀୟ ବେହୁରା, ଜୀବନ ରାଉତ, ସ୍ଥାନୀୟ ସରପଞ୍ଚ ରତିକାନ୍ତ ସାହାଣୀ, ସମିତି ସଭ୍ୟା ମନୋରମା ଭୂୟାଁ, ସମାଜସେବୀ ବସନ୍ତ କୁମାର ମଲ୍ଲିକଙ୍କ ସମେତ ବହୁ ଛାତ୍ରଛାତ୍ରୀ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଞ୍ଚି କୋଭିଡ ନିୟମ ଅନୁପାଳନ ପୂର୍ବକ ପୂଜ୍ୟ ଶିକ୍ଷକଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# କୋଭିଡ୍ ସମ୍ବନ୍ଧରେ ସଚେତନତା

କରୋନା ସମ୍ବନ୍ଧରେ ନିଜେ ଜାଣନ୍ତୁ, ଅନ୍ୟକୁ ଜଣାନ୍ତୁ । ନିଜେ, ନିଜର ପରିବାର, ନିଜର ସାହି, ଭାଇ, ବନ୍ଧୁ ଓ କୁଟୁମ୍ବକୁ ସଚେତନ କରି ସୁରକ୍ଷା ଦେବା ସହ ସରକାର ଓ ଦେଶକୁ ସାହାଯ୍ୟ କରନ୍ତୁ । କରୋନା ରୋଗକୁ ନ ଡରି ସାହସର ସହ ମୁକାବିଲା କରନ୍ତୁ । ଯଦି କରୋନାକୁ ଡରିବେ, ତେବେ ଆମ ଶରୀର ଦୂର୍ବଳ ହେବା ସହ ଶରୀରରେ ରୋଗ ପ୍ରତିରୋଧ ଶକ୍ତି କମିଯିବ ଯଦ୍ଵାରା ରୋଗ ଆମକୁ ମାଡି ବସିବ । ଯେକୌଣସି ରୋଗକୁ ପ୍ରଥମରୁ ଚିକିତ୍ସା କଲେ, ରୋଗ ଜଟିଳ ହୁଏ ନାହିଁ ଓ ରୋଗୀକୁ ମୃତ୍ୟୁମୁଖରୁ ରକ୍ଷା କରିହୁଏ ବୋଲି କୋଭିଡ୍ ସଚେତକ ଡଃ ଅରବିନ୍ଦ ମହାନ୍ତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, କରୋନା ରୋଗର କୌଣସି ଲକ୍ଷଣ ଛୁଆ ଠାରୁ ଆରମ୍ଭକରି ବୟସ୍କ ଲୋକଙ୍କ ପାଖରେ ଦେଖିଲେ, ସେମାନଙ୍କୁ ଭଲ ଭାବେ ବୁଝାଇ ତୁରନ୍ତ ଆର୍‌ଟିପିସିଆର୍ ପରୀକ୍ଷା କରାଇ ନେବାକୁ କହିବା ସହ ନିକଟସ୍ଥ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହନ୍ତୁ । ସବୁବେଳେ ମନେ ରଖିବେ – ତୁରନ୍ତ କୋଭିଡ୍ ହସ୍ପିଟାଲ୍ କିମ୍ବା କୋଭିଡ୍ ଚିକିତ୍ସା କରୁଥିବା ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

୧.ମୃଦୁ କିମ୍ବା ସାମାନ୍ୟ ଲକ୍ଷଣ

ଜ୍ୱର, ଶୁଖିଲା କାଶ, କ୍ଲାନ୍ତି, ଘୋଳା ବିନ୍ଧା, ତଂଟି ଗତଗତ ବା ଦରଜ, ପତଳା ଝାଡା, ଆଖି ଧରିବା, ମୁଣ୍ଡ ବିନ୍ଧା, ନାକ ଚୁଂଟି ହେବା, ଜିଭ ସ୍ୱାଦ ବାରି ନ ପାରିବା, ନାକ ଦ୍ୱାରା ଗନ୍ଧ ବାରି ନ ପାରିବା, ଶରୀରରେ ନାଲି ନାଲି ଦାଗ ହେବା ଏବଂ ହାତ ଓ ଗୋଡ ଆଙ୍ଗୁଳିର ରଙ୍ଗ ପରିବର୍ତ୍ତନ ହେବା ଇତ୍ୟାଦି

୨. ମଧ୍ୟମ ଓ ଗୁରୁତର ଲକ୍ଷଣ

ସାମାନ୍ୟ ଲକ୍ଷଣ ସହ–

ଶ୍ୱାସହାର ମିନିଟ୍ ପିଛା ୨୪ କିମ୍ବା ୨୪ରୁ ଅଧିକ ଥିଲେ, ନିଶ୍ୱାସ ନେବାରେ କଷ୍ଟ ହେଉଥିଲେ ଏବଂ ଅମ୍ଳଜାନ ସ୍ତର ୯୦ରୁ ୯୩ % ଘର ପରିବେଶରେ ରହିଲେ ।

୩. ସାଙ୍ଘାତିକ ଗୁରୁତର

ମଧ୍ୟମ ଗୁରୁତର ଲକ୍ଷଣ ସହ–

ଶ୍ୱାସହାର ମିନିଟ୍ ପିଛା ୩୦ କିମ୍ବା ୩୦ରୁ ଅଧିକ ଥିଲେ, ନିଶ୍ୱାସ ନେବାରେ ଅତ୍ୟଧିକ କଷ୍ଟ ହେଉଥିଲେ ଏବଂ ରକ୍ତରେ ଅମ୍ଳଜାନ ସ୍ତର ୯୦ରୁ କମ୍ ଘର ପରିବେଶରେ ଥିଲେ ।

ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା

ସିବିସି, ସିଆର.ପି, ଡି.ଡାଇମର୍, ଏଲ୍.ଡି.ଏଚ୍, ସିରମ୍ ଫେରୀଟିନ୍, ଯକୃତ କାର୍ଯ୍ୟକାରିତା, ବୃକକ୍ କାର୍ଯ୍ୟକାରୀତା, ଖାଲି ପେଟରେ ଓ ଖାଇବାର ୨ଘଂଟା ପରେ ବ୍ଲଡ ସୁଗାର ପରୀକ୍ଷା, ଛାତି ସି.ଟି ସ୍କାନ୍– ରକ୍ତରେ ଲିମ୍ଫୋସାଇଟ୍ କମିଯିବା ସହ ନିଉଟ୍ରୋଫିଲ୍ କମିଯିବା । , ଆଲାନିନଆମିନୋଟ୍ରାନ୍ସଫରେଜ୍ ବଢିବା, ଆସପାରଟେଟ୍ ଆମିନୋଟ୍ରାନ୍ସଫରେଜ୍ ବଢିବା କରୋନା ମାଧ୍ୟମ ବା ସାଙ୍ଘାତିକ ଗୁରୁତର ବୋଲି ଜଣାଇଥାଏ । ଡି ଡାଇମର ବଢିବା ଓ ଲିମ୍ଫୋସାଇଟ୍ କମିବା ମୃତ୍ୟୁ ଆଶଙ୍କା ବଢିଥାଏ । ପ୍ରକାଲସିଟୋନିନ ଆଡମିସନ୍ ବେଳେ ସାଧାରଣତଃ ଠିକ୍ ଥାଏ ଓ ଆଇସିୟୁରେ ଭର୍ତିହେଲେ ଏହା ବଢିଯାଇଥାଏ । ଛାତିର ଏକ୍ସେରେ ଫଟୋରେ ଉଭୟ ଫୁସଫୁସ୍‌ରେ ନିମୋନିଆ ଦେଖିବାକୁ ମିଳିଥାଏ । ଛାତିର କମ୍ପ୍ୟୁଟରାଇଜ୍ ସ୍କାନ୍ କଲେ ଉଭୟ ଫୁସଫୁସ୍‌ରେ ଅସ୍ୱଚ୍ଛ କାଚ ଭଳି ଦାଗ ଦେଖାଯାଇଥାଏ । ଏହା ରକ୍ତ ପରୀକ୍ଷା ପୂର୍ବରୁ ଦେଖା ଦେଇଥାଏ । ପ୍ଲେଟଲେଟ ସଂଖ୍ୟା କମିବା ବା ଡି ଡାଇମର ବଢିବା ରକ୍ତ ଅଧିକ ଜମାଟ ବାନ୍ଧିବାର ସୂଚନା ଦିଏ । ଫୁସଫୁସ୍‌ରେ ରକ୍ତ ଜମାଟ ବାନ୍ଧିବା ପରେ ରକ୍ତନଳୀ ଫାଟିଯାଇଥାଏ ଓ ନିଶ୍ୱାସ ନେବାରେ କଷ୍ଟ ହୋଇଥାଏ । ଗୋଡ ଆଙ୍ଗୁଠିରେ ରକ୍ତ ଜମାଟ ବାନ୍ଧିବା, ହୃଦଘାତ ଓ ମସ୍ତିଷ୍କରେ ରକ୍ତନଳୀ ଫାଟି ପକ୍ଷାଘାତ ହେବାର ସମ୍ଭାବନା ଥାଏ ।

୪. ଦ୍ୱିତୀୟ କରୋନା ଲହରୀର ନୂଆ ଲକ୍ଷଣ

ହାଲିଆ ଲାଗିବା, ନୂଆ ଚର୍ମ ରୋଗ, ଆଖି ଲାଲ ପଡିବା, ହଠାତ୍ ଅଚେତ ହେବା, ପେଟରେ ଯନ୍ତ୍ରଣା ହୋଇ ବାନ୍ତି ଓ ଝାଡା ହେବା, ବିନା ଲକ୍ଷଣରେ ଅଣନିଶ୍ୱାସୀ ହେବା, ବିନା ଲକ୍ଷଣରେ ଗୁରୁତର ଅବସ୍ଥାକୁ ଚାଲିଯିବା ।

୫.ସାମ୍ଭାବ୍ୟ କରୋନା ଚତୁର୍ଥ ଲହରୀର ଲକ୍ଷଣ

ବହୁବିଧ ଅଙ୍ଗରେ ସଂକ୍ରମଣ – ମଲଟିସିଷ୍ଟମ ଇନଫ୍ଲମେନ୍‌ଟାରୀ ସିଣ୍ଡ୍ରୋମ୍–

କିଛିଦିନ ଲାଗିରହିଥିବା ଜ୍ୱର, ଲାଲ ରଙ୍ଗ ପଡିଥିବା ଆଖି, ପେଟ କାଟିବା, ଚର୍ମରେ ଲାଲ ଦାଗ, ବାନ୍ତି ହେବା, ପତଳା ଝାଡା, ବେକରେ ଫୁଲିଥିବା ବଡ ଗୁଟି, ବେକ ଦରଜ ହେବା, ନାଲିଆ ପଡି ଓଠ ଫାଟିବା, ସାଧାରଣ ଠାରୁ ଅଧିକ ଲାଲ ପଡିଥିବା ବା ଜାମୁକୋଳି ରଙ୍ଗ ଜିଭ, ହାତ ଓ ପାଦ ଫୁଲିବା, ଚିଡିଚିଡା ଭାବ ବା ଅସ୍ୱାଭାବିକ ନିଦ ଅଥବା ଦୂର୍ବଳତା

ଯଦି ଆପଣଙ୍କ ନିକଟରେ ଉପରୋକ୍ତ ଲକ୍ଷଣମାନ ଅଛି, ତେବେ ହେଳା ନକରି ତୁରନ୍ତ ନିକଟସ୍ଥ ସ୍ୱୀକୃତି ପ୍ରାପ୍ତ ଲାବୋରେଟୋରୀରେ ତୁରନ୍ତ ନିଜର ରକ୍ତ ପରୀକ୍ଷା କରାଇ ନିଅନ୍ତୁ ଓ ସର୍ବଦା ମନେ ରଖିବେ– ଯଥାଶୀଘ୍ର କୋଭିଡ୍ ହସ୍ପିଟାଲ୍ କିମ୍ବା କୋଭିଡ୍ ଚିକିତ୍ସା କରୁଥିବା ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ

୧.ଆର୍‌ଟିପିସିଆର୍

ନାକରୁ ଓ ତଂଟି ଭିତରୁ ଲକ୍ଷଣବିହୀନ ବା ଲକ୍ଷଣଯୁକ୍ତ ଲୋକଙ୍କ ଠାରୁ ନମୁନା ସଂଗ୍ରହ କରାଯାଏ । ସାରସ–କୋଭାଇରସ–୨, ଆର୍.ଏନ୍.ଏ ପଜିଟିଭ୍ ହୋଇଥିଲେ କୋଭିଡ୍ ୧୯ ଭୂତାଣୁକୁ ଏହା ଚିହ୍ନଟ କରିଥାଏ । ଭୂତାଣୁ ସଂଖ୍ୟା କମ୍ ହୋଇଥିଲେ, ଏହା ନେଗେଟିଭ୍ ମଧ୍ୟ ଦେଖା ଦେଇଥାଏ ।

୨.ଡି.ଡାଇମର୍

ଏହା କୋଭିଡ୍–୧୯ର ପ୍ରକୋପ ସ୍ତର ଜଣାଇଥାଏ । ଏହା ସଂକ୍ରମଣ ସ୍ତର ଓ ରକ୍ତନଳୀରେ ଜମାଟ ବାନ୍ଧିବାକୁ ଜଣାଇଥାଏ । ସିଆର୍‌ପି ସହ ଏହାର ସ୍ତର ବଢିଥିଲେ, ଏହା ଅଧିକ ସଂକ୍ରମଣର ସୂଚନା ଦେଇଥାଏ । କମିଲେ ସଂକ୍ରମଣ କମିଲା ବୋଲି ଜଣାଯାଏ । ଭଲ ଓ ଠିକ୍ ଭାବେ ଚିକିତ୍ସା ହେଉଥିଲେ, ଏହାର ସ୍ତର କମିଯାଇଥାଏ ।

୩.ସିବିସି

ଇଓସିନୋଫିଲ୍ କମିଯିବା ବା ଅବାବ ଲଗାତାର କମ୍ ରହିଲେ ପରିଣତି ଖରାପ, ବିଳମ୍ବରେ ଆରୋଗ୍ୟ, ଗୁରୁତର ସାଙ୍ଘାତିକ ହେଉଛି ବୋଲି ଜଣାଯାଏ–୧୦୦/ମାଇକ୍ରୋ ଲିଟର, ଇଓସିନୋଫିଲ୍ ସଂଖ୍ୟା ବଢିଲେ ରୋଗୀ ଆରୋଗ୍ୟ ଲାଭ କରୁଛି ବୋଲି ଜଣାପଡେ । ସାଙ୍ଘାତିକ କୋଭିଡ୍ ରୋଗରେ ଅଧିକ ନିଉଟରୋଫିଲ୍ ଓ କମ୍ ଲିମ୍ଫୋସାଇଟ୍ ଥାଏ ।

୪.ସିଆର୍‌ପି

ସିଆର୍‌ପି ଅଧିକ ଥିଲେ, ସଂକ୍ରମଣ ହାର ଅଧିକ ଏବଂ ଫୁସଫୁସ୍‌ରେ ଅଧିକ କ୍ଷତି ହୋଇଥାଏ ବୋଲି ଜଣାଯାଏ ।

୫.ଆଇଏଲ୍–୬–

ସାଇଟୋକାଇନ୍ ଝଡ କରୋନା ରୋଗ ଦ୍ରୁତ ଗତିରେ ସାଙ୍ଘାତିକ ହେଉଛି ବୋଲି ଜଣାଇଥାଏ । ଆଇଏଲ୍–୬ ଏକ ସାଇଟୋକାଇନ୍ ଯାହାକି ଶରୀରରେ ରୋଗ ପ୍ରତିରୋଧ ଶକ୍ତିର ପ୍ରତିଫଳନ ଆଇଏଲ୍–୬ ସାଧାରଣତଃ ଟି ସେଲ୍, ବେସୋଫିଲ୍, ଇଉସିନୋଫିଲ୍ ଓ ନିଉଟ୍ରଫିଲ୍ ଉପରେ ପ୍ରଭାବ ପକାଇଥାଏ । ଆଇଏଲ୍–୬ ଦ୍ରୁତ ଗତିରେ କରୋନା ସାଙ୍ଘାତିକ ହେଉଥିବାର ସୂଚନା ଦେଇଥାଏ । ସାଇଟୋକାଇନ୍ ଝଡ ବନ୍ଦ କରିବାରେ କେତେକ ଔଷଧ ଯଥା – କ୍ଲୋରୋକୁଇନ୍, ହାଇଡ୍ରୋକ୍ସି କ୍ଲୋରେକୁଇନ୍, ବାରିସୀଟିନିବ ଔଷଧର ପ୍ରୟୋଗ କରାଯାଏ । ଆଇଏଲ୍–୬ ୮୦ରୁ ଅଧିକ ଥିଲେ ତୁରନ୍ତ ହସ୍ପିଟାଲ୍‌ର ଆଇସିୟୁରେ ଭର୍ତିକରି ଅମ୍ଳଜାନ ସହାୟତା ଦେବା ଆବଶ୍ୟକ ନଚେତ୍ ନିଶ୍ୱାସ ନେବାରେ କଷ୍ଟ ହୋଇ ନିଶ୍ୱାସ ନେଇ ନ ପାରି ରୋଗୀ ମୃତ୍ୟୁ ମୁଖରେ ପଡିପାରେ ।

୬. ଏଲ୍‌ଡିଏଚ୍

ଲାକଟେଟ୍ ଡିହାଇଡ୍ରୋଜିନେଜ୍ କୋଭିଡ୍ ରୋଗୀର ଭବିଷ୍ୟତ ପରିଣାମ ଚିହ୍ନଟ କରିଥାଏ । ଏହା ବଢିଲେ ମାଂସପେଶୀକୁ ଅମ୍ଳଜାନ ଯଥେଷ୍ଟ ମିଳୁ ନ ଥିବା ସୂଚାଇଥାଏ । ଏହା ଅଧିକଥିଲେ ଖରାପ ଭବିଷ୍ୟତ ସମ୍ବନ୍ଧରେ ସୂଚାଇ ଥାଏ । ବିଶେଷ ଭାବେ ମଧୁମେହ ଓ



ଡଃ ଅରବିନ୍ଦ ମହାନ୍ତି

ଉଚ୍ଚ ରକ୍ତଚାପ ଥିଲେ ଖରାପ ସାଙ୍ଘାତିକ ପରିଣାମର ବା ମୃତ୍ୟୁ ହେବାର ସମ୍ଭାବନା ଥାଏ । ତେଣୁ ସତର୍କ ହେବା ଆବଶ୍ୟକ ।

ମଣିଷ ଶରୀରରେ କେତେକ ଗୁରୁତର ରୋଗ ମଧୁମେହ ସହ ଥିଲେ ପରିସ୍ଥିତି ବା ପରିଣତି ଜଟିଳ ହୋଇଥାଏ

୧.ମଧୁମେହ ରୋଗ

ଗ୍ଲୁକୋଜ୍ ଟଲରେନ୍ସ–

ଡାଇବେଟିକ୍ ୬.୫ % ବା ଅଧିକ

୨୦୦ମି.ଗ୍ରା / ଡିଏଲ୍ ବା ଅଧିକ

ପ୍ରିଡାଇବେଟିକ୍ ୫.୭–୬.୪%

ଯେତେବେଳେ ଚାହିଁଲ ରେଣ୍ଡମ ବ୍ଲଡ୍ ସୁଗାର, ଖାଲି ପେଟରେ ଫାଷ୍ଟିଙ୍ଗ ବ୍ଲଡ୍ ସୁଗାର, ଖାଇବାର ୨ଘଂଟା ପରେ ପୋଷ୍ଟ ପ୍ରାଣ୍ଡିଆଲ୍ ବ୍ଲଡ୍ ସୁଗାର ଓ ଏ ୧ସି ପରୀକ୍ଷା କରିବ ।

ମଧୁମେହ ରୋଗ ହୋଇଛି ବୋଲି ଜାଣିବ କେମିତି ?

ରେଣ୍ଡମ ବ୍ଲଡ୍ ସୁଗାର–

ରକ୍ତ ସୁଗାର ଏ୧ସି – ୧୪୦–୧୯୯ ମି.ଗ୍ରା / ଡିଏଲ୍

ସାଧାରଣ ସୁସ୍ଥ ୫.୭ %ରୁ କମ୍

ଖାଲିପେଟରେ ଫାଷ୍ଟିଙ୍ଗ୍ ବ୍ଲଡ୍ ସୁଗାର–

ସାଧାରଣ ସୁସ୍ଥ –୧୦୦ମି.ଗ୍ରା / ଡିଏଲ୍ ରୁ କମ୍

ପ୍ରିଡାଇବେଟିକ୍ ୧୦୦–୧୨୫ମି.ଗ୍ରା / ଡିଏଲ୍

ଡାଇବେଟିକ୍ ୧୨୬ ମି.ଗ୍ରା / ଡିଏଲ୍ ରୁ ଅଧିକ

ପାଟିରେ ଗ୍ଲୁକୋଜ୍ ଟଲେରାନ୍ସ ପରୀକ୍ଷା

ସାଧାରଣ ସୁସ୍ଥ ୧୪୦ମି.ଗ୍ରା / ଡିଏଲ୍ ରୁ କମ୍

ପ୍ରିଡାଇବେଟିକ୍ ୧୪୦ –୧୯୯ ମି.ଗ୍ରା / ଡିଏଲ୍

ଡାଇବେଟିକ୍ ୨୦୦ମି.ଗ୍ରା / ଡିଏଲ୍ ରୁ ବେଶୀ

୨.ଉଚ୍ଚ ରକ୍ତ ଚାପ

ଉଚ୍ଚ ରକ୍ତ ଚାପ ଭୋଗୁଥିବା ଲୋକ ସାଧାରଣ ଲୋକଙ୍କ ତୁଳନାରେ କରୋନାରେ ଦୁଇଗୁଣ ଅଧିକ ମରିଥାନ୍ତି । ଏହି ରୋଗୀଙ୍କ ରୋଗ ପ୍ରତିରୋଧ ଶକ୍ତି ଦୁର୍ବଳ ଥାଏ । ଏହି ରୋଗର ଚିକିତ୍ସା ନିମନ୍ତେ ବ୍ୟବହୃତ କେତେକ ଔଷଧ –ଏସିଇ ଇନ୍‌ହିବିଟର, ଆଁଓଟେନସିନ୍ ରିସେପଟର୍ ବ୍ଲକର( ଏଆରବି) । ଏହି ଔଷଧ ଶରୀରରେ ଏସିଇ ୨ ନାମକ ଏକ ଏନ୍‌ଜାଇମ୍‌କୁ ବଢାଇ ଦେଇଥାଏ । କରୋନା ଜୀବକୋଷକୁ ଆକ୍ରମଣ କରିବା ପୂର୍ବରୁ ଏସିଇ ୨ ସହ ସଂଲଗ୍ନ ହୋଇଥାଏ । ଏହି ଔଷଧ ବନ୍ଦ କରିଦେଲେ ହୃତପିଣ୍ଡ ଓ ବୃକକ୍‌ର ପ୍ରଭୃତ୍ୱ କ୍ଷତି କରି ମୃତ୍ୟୁ ମୁଖରେ ପହଁଚାଇଥାଏ ।

୩. କର୍କଟ ରୋଗ

କର୍କଟରୋଗ ଭୋଗୁଥିବା ରୋଗୀମାନେ ସାଘାରଣତଃ ନିଜର ଚିକିତ୍ସା ଯଥା କେମୋଥେରାପି, ରେଡିଓଥେରାପି କରୋନା ସଂକ୍ରମଣ ଜନିତ ହସ୍ପିଟାଲ୍ ବନ୍ଦ ରହିବା ଯୋଗୁଁ ବିଳମ୍ବ ବା ପାଇବାରୁ ବଂଚିତ ହୁଅନ୍ତି । ଟ୍ୟୁମର କର୍କଟ ଭୋଗୁଥିବା ରୋଗୀ କମ୍ ଆକ୍ରାନ୍ତ ହେଉଥିବାର ଦେଖା ଯାଉଥିଲେ ମଧ୍ୟ ରକ୍ତ କର୍କଟ ରୋଗୀ ଅଧିକ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥାନ୍ତି । ଫୁସଫୁସ୍ କର୍କଟ ଭୋଗୁଥିବା ଲୋକ ଅଧିକ ଅସୁବିଧାରେ ପଡିଥା'ନ୍ତି । ରୋଗ ପ୍ରତିରୋଧ ଶକ୍ତି ପାଇଁ ଇମ୍ୟୁନୋ ସପ୍ରେସିଭ୍ ଔଷଧ ଖାଉଥିଲେ ଅଧିକ ଆକ୍ରାନ୍ତ ହୋଇଥା'ନ୍ତି ।

୪. ହୃଦ୍ ରୋଗ

ଟାଇପ୍ –୨ ହୃଦ୍‌ଘାତ ସାଧାରଣତଃ କରୋନା ରୋଗରେ ଅଧିକ ଦେଖିବାକୁ ମିଳିଥାଏ । ହୃତପିଣ୍ଡ ଉପରେ ଅଧିକ ଚାପ ଯୋଗୁଁ ହୃତସ୍ପନ୍ଦନ ବଢିଯାଇଥାଏ, ରକ୍ତରେ ଅମ୍ଳଜାନ ସ୍ତର କମିଯାଇଥାଏ । ରକ୍ତହୀନତା ଓ ରକ୍ତରେ ଅମ୍ଳଜାନ ସ୍ତର କମିଯିବା ଯୋଗୁଁ ହୃଦଯନ୍ତ୍ରର ମାଂସପେଶୀ ଅଧିକ କାମ କରିବା ଦରକାର କରିଥାଏ ।

୫. ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି

୬୦ ବର୍ଷରୁ ଅଧିକ ଲୋକଙ୍କ ନିକଟରେ କରୋନା ଗୁରୁତର, ୭୦ବର୍ଷରୁ ଅଧିକ ଲୋକଙ୍କ ପାଖରେ ଅଧିକ ଗୁରୁତର ଏବଂ ୮୫ ବର୍ଷରୁ ଅଧିକ ଲୋକଙ୍କ ନିକଟରେ ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିଥାଏ । ଅଧିକ ବୟସ୍କ ଲୋକଙ୍କର ଗୁରୁତର ରୋଗ ଥାଏ। ରୋଗ ପ୍ରତିରୋଧ ଶକ୍ତି କମ୍ ହୋଇଥିବାରୁ କରୋନା ଆକ୍ରମଣ କରିବା ସହଜ ସାଧ ହୋଇଥାଏ । ଏହାଛଡା ସବୁବେଳେ ଦରକାର ହେଉଥିବା ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇଥା'ନ୍ତି ।

ଘରେ ସାଧାରଣତଃ ନିମ୍ନ ଯନ୍ତ୍ରପାତି ରଖିବା ଆବଶ୍ୟକ–

୧. ବିପି ମେସିନ୍– ରକ୍ତ ଚାପ ମାପିବା ଯନ୍ତ୍ର ଓ ଷ୍ଟେଥୋସ୍କୋପ୍

୨. ପଲସ ଅକ୍ସିମିଟର– ପଲସ ଓ ରକ୍ତରେ ଅମ୍ଳଜାନ ସ୍ତର ମାପିବା ନିମନ୍ତେ

୩. ଗ୍ଲୁକୋମିଟର– ବ୍ଲଡ୍ ସୁଗାର ମାପିବା ନିମନ୍ତେ

୪. ଓଜନ ମେସିନ୍

୫. ତୁରନ୍ତ ଅମ୍ଳଜାନ ମିଳିବା ନିମନ୍ତେ ହସ୍ପିଟାଲ୍ ସଙ୍ଗେ ଯୋଗାଯୋଗ ବା ଘରେ ସିଲିଣ୍ଡର

କରୋନା ଟୀକା

ଟୀକା ନେବାକୁ ଅଯୋଗ୍ୟ–

୧. ୧୮ବର୍ଷରୁ କମ୍ ବୟସ

୨. ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା

୩. ପୂର୍ବରୁ ପ୍ରତିଷେଧକ ଟୀକାକୁ ଆଲର୍ଜୀ, କୌଣସି ଔଷଧକୁ ଆଲର୍ଜୀ ଏବଂ ଖାଦ୍ୟ ପଦାର୍ଥକୁ ଆଲର୍ଜୀ

୪. ପ୍ରଥମ ଟୀକାରୁ ଆଲର୍ଜୀ ଥିଲେ

ସାମୟିକ ଭାବେ କରୋନା ଟୀକା ନେବାକୁ ଅସାମର୍ଥ୍ୟ–

୧. ସକ୍ରିୟ କୋଭିଡ୍ ସଂକ୍ରମଣ ଥିବା ଲୋକ

୨. ଯେଉଁ ଲୋକ ଆଂଟି କୋଭିଡ୍ ମନୋକ୍ଲୋନାଲ୍ ଆଂଟି ବଡି ବା ପୁରାତନ ରୋଗୀଠାରୁ ପ୍ଲାଜମା ପାଇଥିଲେ ।

୩. ଅନ୍ୟ କୌଣସି ଗୁରୁତର ରୋଗରେ ଆକ୍ରାନ୍ତ ବା ହ୍‌ସିଟାଲରେ ଭର୍ତି ହୋଇଥିଲେ

୪.ଯେଉଁ ଲୋକର ରକ୍ତ କ୍ଷରଣ, ରକ୍ତ ଜମାଟ ବାନ୍ଧିବାରେ ଅସୁବିଧା– ପ୍ଲେଟଲେଟର ଅସୁବିଧା, ରକ୍ତ ଜମାଟ ବାନ୍ଧିବାରେ ଅସୁବିଧା ଥିଲେ ।

କୋଭିଡ୍–୧୯ ପ୍ରତିକାର ପାଇଁ ଔଷଧ କ'ଣ ?

ସାମାଜିକ ଅଭ୍ୟାସ–

୧. ବାରମ୍ବାର ସାବୁନ୍ ଓ ପାଣିରେ ହାତ ଧୋଇବା ବା ସାନିଟାଇଜର୍ ହାତରେ ଲଗାଇବା । ନାକ ଓ ଚର୍ମରେ ଆଲର୍ଜୀ ଥିଲେ ବା ୨ ବର୍ଷରୁ କମ୍ ଶିଶୁ ବା ସୋରିଆସିସ୍ ଚର୍ମ ରୋଗ ଥିଲେ ବା ନବଜାତ ଶିଶୁକୁ ହାତରେ ଧରୁଥିଲେ, ସାନିଟାଇଜର୍ ଲଗାଇବେ ନାହିଁ ।

୨.ମୁହଁ ଓ ନାକ ଘୋଡାଇବା ଭଳି ମାସ୍କ ପିନ୍ଧିବେ । ୨ ବର୍ଷରୁ କମ୍ ଶିଶୁଙ୍କୁ ମାସ୍କ ପିନ୍ଧାଇଲେ, ସେମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବେ । ଚିଡିଚିଡା ଭାବ ସୃଷ୍ଟି ହେବା, ଖୋଲା ଅମ୍ଳଜାନ ପାଇବା ଅଭାବରୁ ଛୁଆ ଠିକ୍ ଭାବେ ବଢିପାରେ ନାହିଁ । ତେଣୁ ଅତି ଦରକାର ନ ପଡିଲେ ଛୁଆକୁ ଘରୁ ବାହରକୁ ନିଅନ୍ତୁ ନାହିଁ କି କାହାକୁ ଛୁଆକୁ ଧରିବାକୁ ଦିଅନ୍ତୁ ନାହିଁ । ଛୋଟ ଛୁଆଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ଏପରି କି ନିଜ ବାପାମା' ଛୁଆ ଗାଲରେ ଚୁମା ଦିଅନ୍ତୁ ନାହିଁ । ମା' ପେଟ ପାଖରେ ତା'ର କାନି ବା ଓଢଣୀ ତଳେ ଛୁଆ ନିରାପଦ ରହେ । ମା' ଛୁଆଙ୍କ ମଧ୍ୟରେ ସମ୍ପର୍କ ଭଲ ରହେ ଓ ଛୁଆ ଭଲ ମା'କ୍ଷୀର ପାଇ ଓଜନରେ ଭଲ ବଢେ ଓ ତା'ର ବିକାଶ ଭଲ ହୁଏ ।



୩.ବାହାରକୁ, ବଜାର, ହାଟ, ସାମାଜିକ ଉତ୍ସବ ଯେପରି ବାହାଘର, ବ୍ରତ ଘର କିନ୍ତୁ ବିଶେଷ ଭାବେ ଅଧିକ ଗୁରୁତର ଅବସ୍ଥା ଥିଲେ, ବାହାରକୁ ଯାଆନ୍ତୁ ନାହିଁ । ଶାରୀରିକ ଦୂରତା –୧ ମିଟର ଦୂରତା ବଜାୟ ରଖନ୍ତୁ । ସାମାଜିକ ଦୂରତା ବଜାୟ ନ ରଖି ପାରିଲେ, ତୁରନ୍ତ ସେ ସ୍ଥାନ ଛାଡି ଘରକୁ ଫେରିଯାଆନ୍ତୁ ।

୪.ନିଜର କାଶ ବା ଛିଙ୍କ ହେଉଥିଲେ ବା ଅନ୍ୟ କାହାର ହେଉଥିଲେ, ମୁହଁକୁ ଟିସୁ କାଗଜରେ ବା କହୁଣୀରେ ଘୋଡାଇ ରଖନ୍ତୁ ।

ଆଇଭରମାକ୍ଟିନ୍ ବଟିକା

୧.ଏହି ଔଷଧ ସାଧାରଣତଃ କରୋନା ଚିକିତ୍ସାରେ ପ୍ରତିଦିନ ଦିଆଯାଇଥାଏ

୨.ରୋଗ ନ ହେବା ପାଇଁ ଯେଉଁ ଦିନ ଆରମ୍ଭ କରାଯାଏ–୦ ଦିନ, ୭ ଦିନ, ୩୦ଦିନ ଓ ପ୍ରତି ମାସରେ ଗୋଟିଏ ଲେଖାଏଁ ବଟିକା ଖାଇବା ଆବଶ୍ୟକ । ଏହା ସହିତ ସରକାରୀ ସ୍ତରରେ ମିଳୁଥିବା ୨ ମାତ୍ରା ଟୀକା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଶ୍ଚୟ ନେବାକୁ ଯେପରି ନ ଭୂଲନ୍ତି । ସରକାର ଆପଣଙ୍କୁ ସୁସ୍ଥ ରଖିବା ପାଇଁ ଅକ୍ଳାନ୍ତ ଉଦ୍ୟମ କରୁଛନ୍ତି । ସରକାରଙ୍କୁ ସଫଳ ହେବାରେ ଆପଣଙ୍କ ଯୋଗଦାନ ନିତ୍ୟାନ୍ତ କାମ୍ୟ ।

୩.ଯେଉଁମାନେ ନିଜର କାମ ପାଇଁ ବୁଲୁଛନ୍ତି, ସେମାନେ ପ୍ରତି ସପ୍ତାହରେ ଗୋଟିଏ ବଟିକା ଖାଇବା ଆବଶ୍ୟକ ।

୪. ମାତ୍ରା/ ଡୋଜ୍ –ଖାଇବାର ୧ଘଂଟା ପୂର୍ବରୁ

୫.ଓଜନ – ୨୦କିଗ୍ରା ପର୍ଯ୍ୟନ୍ତ–୩ ମି.ଗ୍ରା

୨୧ରୁ ୪୦କିଗ୍ରା ପର୍ଯ୍ୟନ୍ତ– ୬ ମି.ଗ୍ରା

୪୦ କିଗ୍ରାରୁ ଅଧିକ–୧୧ ମି.ଗ୍ରା

ନିଜର ସୁରକ୍ଷା, ସଚେତନତା ଓ ସ୍ୱାସ୍ଥ୍ୟର ଯତ୍ନ ଓ ପ୍ରତିଷେଧକ ଗ୍ରହଣ ଓ ପରିବାର ପ୍ରତି ଦାୟିତ୍ୱ ଆପଣଙ୍କୁ କରୋନା ରୋଗରୁ ରକ୍ଷା କରିବ । ପ୍ରତିଟି ରୋଗୀର ଚିହ୍ନଟୀକରଣ, ତୁରନ୍ତ ଚିକିତ୍ସା ରୋଗୀକୁ ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କରିବ । ଔଷଧ ଦୋକାନୀ ବା କରୋନା ରୋଗର ଚିକିତ୍ସା କରୁ ନ ଥିବା ଡାକ୍ତରଙ୍କ ଠାରୁ ଔଷଧ ଖାଇବା ପରିବର୍ତ୍ତେ ସରକାରୀ ଅନୁମୋଦିତ ହସ୍ପିଟାଲ୍ କିମ୍ବା ଡାକ୍ତର ଅଥବା କେନ୍ଦ୍ରୀୟ ହେଲ୍ପ ଲାଇନ୍ ନମ୍ବର– ୦୧୧–୨୩୯୭୮୦୦୪୬ ଏବଂ ଓଡିଶା ହେଲ୍ପ ଲାଇନ୍ ନମ୍ବର–, ୧୦୭୫/ କୋଭିଡ୍ ନିମନ୍ତେ–୧୦୪ର ପରାମର୍ଶ ଅନୁସାରେ ଚିକିତ୍ସା କଲେ ସମସ୍ତ କରୋନା ରୋଗୀ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିବେ । ସରକାରଙ୍କ ଉପଦେଶାବଳୀ ମାନନ୍ତୁ ଓ ଆମ ଓଡିଶାକୁ କରୋନାମୁକ୍ତ କରିବା ପାଇଁ ସରକାରଙ୍କ ଉଦ୍ୟମକୁ ସଫଳ କରନ୍ତୁ !!!

କୋଭିଡ୍ ସଚେତକ

# ମୋ ଓଡ଼ିଶା

## ଶୁଆକାଟୀ ଆଞ୍ଚଳିକ ଟ୍ରକ ମାଲିକ ସଂଘରେ ଆର୍ଥିକ ଅନିୟମିତତା

କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ଶୁଆକାଟୀଠାରେ ଥିବା ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘରେ ବ୍ୟାପକ ଆର୍ଥିକ ଅନୀୟମିତତା ଓ ସଂଘ ନିୟମ ବର୍ହିଭୂତ କାର୍ଯ୍ୟନୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସଂଘର ପରାମର୍ଶଦାତା,କାର୍ଯ୍ୟକାରୀ କମିଟି ସଦସ୍ୟ,ତଥା ଟ୍ରକ ମାଲିକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରିଛନ୍ତି। ପ୍ରକାଶ ଯେ, ୨୦୧୧ ମସିହାରେ ସ୍ଥାନୀୟ ଅଞ୍ଚଳର ଟ୍ରକ ମାଲିକ ମାନଙ୍କ ଉନ୍ନତି ଓ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘ,ଶୁଆକାଟୀ ଗଠିତ ହୋଇଥିଲା। ଏକ ମହତ ଉଦ୍ଦେଶ୍ୟରେ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ବଳରେ ଏହି ସଂଘ ଗଠନ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉପଯୁକ୍ତ ତଦାରଖ ଅଭାବାରୁ କିଛି ମୃଷ୍ଟିମେୟ କର୍ମକର୍ତ୍ତା ଏହାକୁ ନିଜ ନିୟନ୍ତ୍ରଣରେ ରଖି ସଂଘର ନିୟମ ବାହାରେ କାର୍ଯ୍ୟ କରିବା ଫଳରେ ଧିରେ ଧିରେ ପୁଞ୍ଜିଭୂତ ଅସଂୋଷ ବୃଦ୍ଧି ପାଇଥିଲା। ସଂଘ ଗଠନ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ନିର୍ବାଚନ ନ କରିବା,ଟ୍ରକ ମାଲିକମାନଙ୍କ ଠାରୁ ଆଦାୟ ଅର୍ଥ ସଂଘ ଆକାଉଣ୍ଟରେ ଜମା ନକରିବା,ଟ୍ରକ ମାଲିକ ମାନଙ୍କୁ ସିରିଏଲ ଅନୁସାରେ ଟୋକୋନ ନଦେବା,ସ୍ଥାନୀୟ ଅଞ୍ଚଳର ବିକାଶରେ ଟଙ୍କା ଖର୍ଚ୍ଚ ନକରିବ ଆଦି ଅନୀୟମିତତା ବିରୁଦ୍ଧରେ ଅସଂୋଷ ଲାଗି ରହିଥିଲା। ଏପରିକି ଟ୍ରକ ମାଲିକମାନଙ୍କଠାରୁ ଆଦାୟ ହେଉଥିବା ଟଙ୍କା ବାବଦରେ ରସିଦ ନଦେବା,ବିନା ସାଧାରଣ ପରିଷଦ ବୈଠକ କିମ୍ବା କାର୍ଯ୍ୟକାରିଣୀ ବୈଠକ ନକରି ମନଇଚ୍ଛା ଆଦାୟ ଅର୍ଥ ଖର୍ଚ୍ଚ ହୋଇ ଆସୁଥିବା ନେଇ ସଦସ୍ୟମାନଙ୍କ ଭିତରେ ସନ୍ଦେହ ଘନିଭୂତ ହେଲେ ମଧ୍ୟ ଏହାର ହିସାବ ଦିଆଯାଉନଥିଲା।ସଂଘର ନିର୍ବାଚନ ୩ ବର୍ଷରେ ଥରେ ହେବାକୁ ଥିବାବେଳେ ଗଠନ ହେବା ଦିନଠାରୁ ଆଉ ନିର୍ବାଚନ ହୋଇ ନାହିଁ। ଅସାମ୍ବିଧାନିକ ଭାବରେ ସଂଘ ଚାଲି ଆସୁଥିବାବେଳେ ଆୟ ବ୍ୟୟର କୌଣସି ହିସାବ ସଦସ୍ୟମାନଙ୍କୁ ଦିଆଯାଉନାହିଁ। ଏହି ପୁଞ୍ଜିଭୂତ ଅସନ୍ତୋଷ ଓ ସନ୍ଦେହ ଧିରେ ଧିରେ ଉଗ୍ରରୂପ ନେଇ ବିରୋଧ ଦେଖାଦେଇଥିଲା। ଏହାକୁ ନେଇ ସୋମବାର ଦିନ ସଂଘର ପରାମର୍ଶଦାତା,କର୍ମକର୍ତ୍ତା ଏବଂ ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଅତିରିକ୍ତ ଜିଲ୍ଲାପାଳ ତଥା ରେଜିଷ୍ଟରିଂ ସୋସାଇଟି ଅଥରିଟି ନିକଟରେ ଅଭିଯୋଗ କରି ବେଆଇନ ଭାବେ ଚାଲି ଆସୁଥିବା ସଂଘ ଭାଙ୍ଗିଦେଇ ସଂଘ ପରିଚାଳନା ନିଜ ହାତକୁ ନେବା ସହ ଏହାର ସ୍ୱତନ୍ତ୍ର ଅଡିଟ କରି ଆଇନଗତ ପଦକ୍ଷେପ ନେବାକୁ ଦାବୀ ହୋଇଛି।

## ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରାଞ୍ଚଳର ରାସ୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲ ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟନ୍ତ ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା। କମ୍ପାନୀର ସିଏସ୍‌ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା। ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା। ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା। ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି। ଗଛଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ।

## ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ଯୁବ ଉପସଭାପତିଙ୍କ କୃତଜ୍ଞତା

କେନ୍ଦୁଝର (ପିଏନ୍): ଚଳିତ ମେ' ମାସ ୧ ତାରିଖ ଠାରୁ ୧୮ ବର୍ଷରୁ ୪୫ବର୍ଷର ସମସ୍ତ ବ୍ୟକ୍ତିଙ୍କୁ ମାଗଣା ଟୀକା ଦିଆଯାଉଛି। ଏ ବାବଦରେ ୨ହଜାର କୋଟି ଟଙ୍କାର ବୋଝ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତ୍ତିକୁ ବିଜୁ ଯୁବ ଜନତା ଦଳ ପକ୍ଷରୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଯୁବବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ଏଭଳି ସମୟୋଚିତ ପଦକ୍ଷେପ ଗ୍ରହଣ କରିଥିବାରୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଯୁବ ଉପସଭାପତି ସୌମ୍ୟ ଶଙ୍କର ଚକ୍ର ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ଶ୍ରୀ ଚକ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସଦାସର୍ବଦା ଯୁବକମାନଙ୍କ ହିତ ନିମନ୍ତେ ଚିନ୍ତା କରି ସ୍ୱାର୍ଥ ଓ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାନ୍ତି। ଏହି ଅବସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ଆନନ୍ଦପୁରରେ କୋଭିଡ୍ କେୟାର ସେଣ୍ଟର ଖୋଲିଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମ୍ୟୁନିସିପାଲଟି କଲ୍ୟାଣମଣ୍ଡପରେ ୬୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରର ଶୁଭାରମ୍ଭ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସେଣ୍ଟରରେ ମୋଟ୍ ୬୦ଟି ଶଯ୍ୟା ଥିବାବେଳେ ୨୦ଟି ଅକ୍ସିଜେନ୍ ବେଡ୍ ରହିଛି। କରୋନା ଲକ୍ଷଣ ଥିବା ରୋଗୀମାନେ ଏଠାରେ ଚିକିତ୍ସିତ ହୋଇ ପାରିବେ। ଆନନ୍ଦପୁରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦପୁର ଡାକ୍ତରଖାନା ଅଧିକ୍ଷକ ଡାକ୍ତର ଧନେଶ୍ୱର ସେଠୀ, ତହସିଲଦାର ତପନ କୁମାର ନାୟକ, ପୌରନିର୍ବାହୀ ଅଧିକାରୀ ବିପିନ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## କେନ୍ଦୁଝର ଜିଲ୍ଲାରେ ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ରାଶି ପ୍ରଦାନ

କେନ୍ଦୁଝର (ପିଏନ୍): ସ୍ୱଳ୍ପ ସଂଚୟ ବିଭାଗ ପକ୍ଷରୁ ଏକ୍ୟୁ ସିରିଜର ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନାରେ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ନଦୁଆଁ ଗ୍ରାମର ଶ୍ରୀମତୀ ପ୍ରଣତି ଜେନାଙ୍କୁ ୪ର୍ଥ ପୁରସ୍କାର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ପ୍ରଦାନ କରିଛନ୍ତି। ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ସିରପାଣି ନାୟକ,ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ,ସ୍ୱଳ୍ପ ସଂଚୟ ବିଭାଗର କର୍ମଚାରୀ ମମତା ବେହେରା ପ୍ରମୁଖ ପୁରସ୍କାର ରାଶି ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତିତ ଜିଲ୍ଲାରେ ୧ ଗୋଟି ପଞ୍ଚମ ପୁରସ୍କାର, ୧୨ ଗୋଟି ୬ଷ୍ଠ ପୁରସ୍କାର ଓ ୫୮ ଗୋଟି ସପ୍ତମ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ଆରପାରିରେ ରେବତୀ ନାୟକ



ହାଟଡିହି (ପିଏନ୍): ହାଟଡିହି ବ୍ଲକ ପଞ୍ଚୁଗୋଛିଆ ଗ୍ରାମର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ କିଶୋର ଚନ୍ଦ୍ର ନାୟକଙ୍କ ପତ୍ନୀ ରେବତୀ ନାୟକ(୭୧)ଙ୍କ ଗତ ମାସ ୨୪ତାରିଖ ଶନିବାର ଦିନ ପରଲୋକ ଘଟିଛି। ସେ ଜଣେ ମେଳାପି ଓ ପରୋପକାରୀ ମହିଳା ଭାବେ ଅଂଚଳରେ ଜଣାଶୁଣା ଥିଲେ। ଗାଁ ମଶାଣିରେ ତାଙ୍କର ଶବ ସତ୍କାର କରାଯାଇଥିଲା। ଶବ ସତ୍କାର ସମୟରେ ଦାମୋଦର, ଭାଗଗ୍ରାହୀ, ସରୋଜ, ଶୁଭେନ୍ଦୁ, ପ୍ରିୟରଂଜନ, ରଘୁନାଥ, ସୁଦର୍ଶନ, ଆକାଶ, ମାନସ, ଅଭିରାମ, ଆଲୋକ, ଭରତ, ସୌମ୍ୟ, ରାଜେଶ, ଶାନ୍ତନୁ, ଅଭୟ, ବିଶ୍ୱଜିତ, କମଳିନୀ, ଶାନ୍ତିଲତା, ମମତା, ମିନତୀ, ପିଙ୍କି, ଲିଙ୍କିଙ୍କ ସହିତ ବନ୍ଧୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## କରୋନା ସମୟରେ ମଧ୍ୟବିତ୍ତଙ୍କୁ ମହଙ୍ଗା ମାଡ



କେନ୍ଦ୍ରାପଡ଼ା (ପିଏନ୍): ଦେଶବ୍ୟାପୀ ଦେଖାଦେଇଥିବା କରୋନା ତାଣ୍ଡବ ଓ ଭୟାବହତା ମଧ୍ୟରେ ନିଜର ଜୀବନ ଜୀବିକା ପାଇଁ ମୃତ୍ୟୁ ସହିତ ସଂଗ୍ରାମ କରୁଛି ମଣିଷ। ଏହି ପରି ଏକ ବିପତ୍ତି ସମୟରେ ଦୈନନ୍ଦିନ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ଦରବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ମଧ୍ୟବିତ୍ତପରିବାର ମହାସଙ୍ଘର ସଭାପତି ପ୍ରଦୀପ ମିଶ୍ର ଏକ ପ୍ରେସ ବିବୃତି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ମହାସଙ୍ଘର କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସମ୍ପାଦକ ହରେକୃଷ୍ଣ ପାତ୍ର ଓ କେନ୍ଦ୍ରାପଡା ଜିଲ୍ଲା ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦେଶରେ କ୍ରମାଗତ ଭାବରେ ହେଉଥିବା ଲକଡାଉନର ପ୍ରଭାବରେ ଦେଶର ଅର୍ଥନୀତି ମାନ୍ଦା ହୋଇଥିବା ଓ ବେରୋଜଗାରୀ ବୃଦ୍ଧି ପାଇବା ସହ ଲୋକଙ୍କ ଆୟ ହ୍ରାସ ପାଇଥିବା ସମୟରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ମଧ୍ୟବିତ୍ତ ବର୍ଗର ସାଧାରଣ ଖାଉଟିଙ୍କ ଉପରେ ଅର୍ଥନୈତିକ ଚାପ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଥିଲେ ସୁଦ୍ଧା ପେଟ୍ରୋଲ,ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କମିବାର ନା ଧରୁନାହିଁ। ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୧ଟଙ୍କା ୧୦ପଇସା ଥିବା ବେଳେ ଡିଜେଲ ଦର ୮୭ଟଙ୍କା ୮୭ପଇସା ଓ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୮୩୬ଟଙ୍କା ୨୦ପଇସା ରହିଛି ଯାହା ମଧ୍ୟବିତ୍ତ ପରିବାରର ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ବଢାଇ ଦେଇଛି। ସେହିପରି ଦୈନନ୍ଦିନ ଖାଉଟି ସାମଗ୍ରୀ ଡାଲି କିଲୋ ୧୨୦ଟଙ୍କା, ଖାଇବା ତେଲ ଲିଟର ୧୭୦ଟଙ୍କାରେ ପହଁଚିଥିବା ବେଳେ ଅଟା କିଲୋ ୪୦ଟଙ୍କାରେ ପହଞ୍ଚିଲାଣି। ଏଥିସହିତ ଅନ୍ୟାନ୍ୟ ଖାଉଟି ସାମଗ୍ରୀ ବି ଆକାଶ ଛୁଆଁ ହେଲାଣି। ଏହିସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଉପରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ରହୁନାହିଁ ଯାହାର ଫଳ ସ୍ୱରୂପ ଅସାଧୁ ବ୍ୟବସାୟୀମାନେ କଳାବଜାରୀ ଆରମ୍ଭ କରିଦେଇଛନ୍ତି। ମହାମାରୀ କୋଭିଡ ସମୟରେ ଗତବର୍ଷ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଇଥିବା ରାଜ୍ୟ ସରକାର ଦ୍ୱିତୀୟ ଲହର ସମୟରେ ଦରବୃଦ୍ଧି ଉପରେ ନିୟନ୍ତ୍ରଣ ନକରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଏକ ଜାତୀୟ ବିପତ୍ତି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହିତ କଳାବଜାରୀ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ ପକ୍ଷରୁ ଏକ ସ୍ମାରକପତ୍ର ମାଧ୍ୟମରେ ସରକାରଙ୍କ ନିକଟରେ ଦରବୃଦ୍ଧି ହ୍ରାସ ପାଇଁ ଦାବି କରାଯାଇଛି।

## ଓଡିଶା ସୂଚନା ଅଧିକାର ଅଭିଯାନ ଜିଲ୍ଲା ଶାଖା ପକ୍ଷରୁ ଲୁଥେରାନ ଯୌନ କିଳେଙ୍କାରୀ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି




କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଲୁଥେରାନ ଯୌନ କିଳେଙ୍କାରୀ ଘଟଣାର କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ଦାବି କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ଏକ ପତ୍ରକାର ସମ୍ମିଳନୀରେ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା)ର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କର ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ଜନୈକ ମହିଳା କର୍ମଚାରୀଙ୍କୁ ବାରମ୍ବାର ଦୁଷ୍କର୍ମ ପରେ ଏକ ଶିଶୁପୁତ୍ର ଜନ୍ମ ହେବା ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ କାହିଁକି ଗିରଫ କରୁନି ବୋଲି ପ୍ରଶ୍ନ କରିଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ, ସ୍ପର୍ଶକାତର ଓ ସମ୍ବେଦନଶୀଳ ମାମଲାରେ ଏତଲା ରୁଜୁ ହେବାର ୨୧ଦିନ ପରେବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନକରିବା ଘଟଣା ପୋଲିସର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିଥିଲେ। ପିଡିତାଙ୍କ ଭାଇଙ୍କ ଅଭିଯୋଗ ଉପରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପୀଡିତାଙ୍କ ସହ ସଭାପତିଙ୍କ ଭାଇ ଦୁଷ୍କର୍ମ କରିବାରୁ ଶିଶୁପୁତ୍ର ଜନ୍ମ ହେବା ଭଳି ସଂଗୀନ ଅଭିଯୋଗ ଉପରେ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଥିଲେ। ଲୁଥେରାନରେ ସରକାରୀ ଅନୁଦାନର ଆର୍ଥିକ ଅନିୟମିତତା ହୋଇଥିବା ଏବଂ ପ୍ରାୟ ୫ଏକର ସରକାରୀ ଜମିକୁ ଲୁଥେରାନ ଜବରଦଖଲ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏତଦବ୍ୟତିତ ପିଡିତାଙ୍କ ଭାଇ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀଙ୍କ ଠାରୁ ପୂର୍ବରୁ ଜନ୍ମ ନେଇଥିବା ଦୁଇ ଶିଶୁ ସନ୍ତାନଙ୍କୁ ବିକ୍ରୀ କରିଦିଆଯାଇଛି। ସେ ସମ୍ପର୍କରେ ପୋଲିସ ଏପର୍ଯ୍ୟନ୍ତ କୌଣସି ତଦନ୍ତ କରିନଥିବା ଅଭିଯୋଗ ହୋଇଛି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଲୁଥେରାନକୁ ଆସି ତଦନ୍ତ କରିବା ପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲୁଥେରାନର ସଭାପତି, ସି.ସି.ଆଇ.ର ସୁପରିନଟେଣ୍ଡେଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପି.ଓ.ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଯେଉଁ ନିର୍ଦେଶ ଦେଇଥିଲେ ସେହି ନିର୍ଦେଶ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପଛରେ କାରଣ କ'ଣ ବୋଲି ପ୍ରଶ୍ନ କରିଥିଲେ ଶ୍ରୀ ପ୍ରଧାନ। ଏହି ଜଘନ୍ୟ ଘଟଣାରେ କେବଳ ଲୁଥେରାନର କର୍ମକର୍ତ୍ତା ନୁହନ୍ତି ବହୁ ବରିଷ୍ଠ ସରକାରୀ ଅଧିକାରୀ ସଂପୃକ୍ତ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପିଡିତାଙ୍କୁ ନ୍ୟାୟ ପ୍ରଦାନ କରାଯିବାକୁ ଓସା ଦାବି କରିଛି। ଏଥିସହିତ ପୋଲିସ ଦ୍ୱାରା ନୀରପେକ୍ଷ ତଦନ୍ତ ସମ୍ଭବ ହେଉନଥିବାରୁ ଏ ସମସ୍ତ ଘଟଣାର କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯିବା ସହ ଅର୍ଥନୈତିକ ଅପରାଧ ଶାଖା(ଇଡି) ଦ୍ୱାରା ଲୁଥେରାନର ଆର୍ଥିକ ଅନିୟମିତତା ସମ୍ପର୍କରେ ତଦନ୍ତ କରାଯିବାକୁ ଓସା ପକ୍ଷରୁ ଦାବି କରିଛି। ଏହି ପତ୍ରକାର ସମ୍ମିଳନୀରେ ପ୍ରତାପ ଚନ୍ଦ୍ର ମହାନ୍ତି, ଆଳୟ ସାମନ୍ତରାୟ, ନିବେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରମାନେ ଭେଟିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡ଼ା (ପିଏନ୍): +୨ ପରୀକ୍ଷା ବାତିଲ ଦାବିରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ର ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ ଦିନକୁ ଦିନ କରୋନାର ପ୍ରଭାବ ବୃଦ୍ଧି ପାଉଥିବାରୁ ସେମାନେ ଘରେ ରହି ୯ ମାସ କାଳ ଅନ୍‌ଲାଇନ୍‌ରେ ପାଠ ପଢିଥିଲେ। କିନ୍ତୁ କରୋନାର ଦ୍ୱିତୀୟ ଲହର ଯୋଗୁଁ ମାଟ୍ରିକ ପରୀକ୍ଷାକୁ ସରକାର ବାତିଲ କରିଥିବା ବେଳେ +୨ ପରୀକ୍ଷା କରାଯିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କରୋନାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ କୌଣସି ପରିସ୍ଥିତିରେ +୨ ର ଛାତ୍ର/ଛାତ୍ରୀମାନେ ପରୀକ୍ଷା ଦେଇପାରିବେ ନାହିଁ। ଯଦି ଏହି ପରୀକ୍ଷା ବାତିଲ କରା ନ ଯାଏ ତେବେ ଜିଲ୍ଲାର ବିଭିନ୍ନ କଲେଜର ଶହ ଶହ ଛାତ୍ର ଏକାଠି ହୋଇ ଆନ୍ଦୋଳନ କରିବେ ବୋଲି ଜିଲ୍ଲା ପ୍ରଶାସନକୁ ଛାତ୍ରମାନେ ଚେତାବନୀ ଦେଇଛନ୍ତି।

## କେନ୍ଦ୍ରାପଡା ଜିଲ୍ଲାରେ ୬୪ କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ୬୪ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଥିମଧ୍ୟରୁ ଆଳି ବ୍ଲକରେ ୬ଟି କରୋନା ପଜିଟିଭ କେଶ ବାହାରିଥିବାବେଳେ ଗରଦପୁର ବ୍ଲକରେ ୨, କେନ୍ଦ୍ରାପଡା ବ୍ଲକରେ ୧୧ଟି, ମହାକାଳପଡା ବ୍ଲକରେ ୫, ମାର୍ଶାଘାଇ ବ୍ଲକରେ ୯, ପଟ୍ଟାମୁଣ୍ଡାଇ ବ୍ଲକରେ ୧୪, ରାଜକନିକା ବ୍ଲକରେ ୫, ରାଜନଗର ବ୍ଲକରେ ୯ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୩ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି। ଜିଲ୍ଲାରେ ଧିରେ ଧିରେ କରୋନା ପଜିଟିଭ ସଂଖ୍ୟା ବଢୁଥିବା ବେଳେ କୋଭିଡ କଟକଣାକୁ ଆହୁରି କଡାକଡି କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ବାହାର ରାଜ୍ୟରୁ ଜିଲ୍ଲାକୁ ପ୍ରବାସୀଙ୍କ ଫେରିବାକୁ ନେଇ ଚିନ୍ତା ବଢାଇ ଦେଇଛି। ଜିଲ୍ଲାର ଅନେକ ସ୍ଥାନରେ ପ୍ରବାସୀମାନେ ଫେରିବା ପରେ ସଙ୍ଗରୋଧରେ ନରହି ଘରକୁ ଚାଲିଯାଉଥିବାରୁ ସଂକ୍ରମଣ ବଢିବାର ଆଶଙ୍କା ସୃଷ୍ଟି ହୋଇଛି। ଏସବୁ ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

## ବଟବାବୁଙ୍କ ବିୟୋଗରେ କଂଗ୍ରେସର ଶୋକ

ରାଉରକେଲା (ପିଏନ୍): ରାଉରକେଲା ରାଜନୀତିର ଭୀଷ୍ମ ପିତାମହ ତଥା ପ୍ରବୀଣ ଜନନେତା ସ୍ୱର୍ଗତଃ ବଟକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏକ ଶୋକ ବାର୍ତ୍ତାରେ ଜିଲ୍ଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀ କହିଛଁ ଯେ, ସ୍ୱର୍ଗତ ବଟବାବୁ ଏକାଧାରାରେ ଜଣେ ପ୍ରବୀଣ ରାଜନେତା, ଶ୍ରମିକନେତା ଏବଂ ସର୍ଜନଶୀଳ ପ୍ରତିଭାର ଅଧିକାରୀ ଥିଲେ। ବିଗତ ଦିନରେ କଂଗ୍ରେସ ଦଳରେ ରହି କେନ୍ଦ୍ରୀୟ ନେତୃତ୍ୱର ସୁନଜରରେ ଥିବାବେଳେ ଶ୍ରମିକ ରାଜନୀତିରେ ବୈପ୍ଲବିକ କାର୍ଯ୍ୟକଳାପ ପାଇଁ ସର୍ବଦା ଚର୍ଚ୍ଚାରେ ରହୁଥିଲେ। ଆୱାଜ ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରି ନିଜ ସର୍ଜନଶୀଳ ପ୍ରତିଭାର ପରିଚୟ ଦେଇପାରିଥିଲେ। ସର୍ବଦା ଗରିବ, ସାଧାରଣ ଖଟିଖିଆ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିବା ସ୍ୱର୍ଗତଃ ପଣ୍ଡା ତାଙ୍କର ଏହି ନୀତିକୁ ଜୀବନର ଶେଷ ପର୍ଯ୍ୟ' କାଏମ ରଖିପାରିଥିଲେ। ତାଙ୍କ ବିୟୋଗ ଇସ୍ପାତ ସହର ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ଶ୍ରୀ ତିର୍କୀ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛଁ। ସେହିପରି ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶା' ସେଠୀ, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ଏମ୍‌ଡି ମୋଇନୁଦ୍ଦିନ ଓ ପ୍ରଭାତୀ ମିଶ୍ର, ଇଂ.ଆର୍.ପି. ସିଂହ, କୀର୍ତ୍ତନ ଦାସ ଓ କୈଳାସ ସାହୁ ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଦୁଃଖଦ ସମୟରେ ଈଶ୍ୱର ତାଙ୍କର ପରିବାରବର୍ଗଙ୍କୁ ସହାୟ ହେବାକୁ ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ଭଳି ଜଣେ ସ୍ପଷ୍ଟବାଦୀ, ନିର୍ଭୀକ, ନିଃସ୍ୱାର୍ଥପର ସଂଗ୍ରାମୀ ନେତାଙ୍କ ବିୟୋଗ ରାଉରକେଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତୃବୃନ୍ଦ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ମହିଳାଙ୍କୁ ଜାତିଆଣ ମନ୍ତବ୍ୟ ଅଭିଯୋଗ : ୫ ଗିରଫ

ଗଞ୍ଜାମ:ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରିଛଛି। ସେମାନେ ହେଲେ ଖାଜାସାହିର ଶେଖ୍ ଇରଫାନ, ଶ୍ରୀରାମନଗରର ମହେଶ ତ୍ରିପାଠୀ, କୁନା ସେଠୀ, ଶିବ ସେଠୀ ଓ ବିନାୟକ ବେହେରା। ସୂଚନା ଅନୁଯାୟୀ, ଗତକାଲି ସଂନ୍ଧ୍ୟାରେ ଇରଫାନ୍ ଟାଉନ୍ ଥାନା ମୋଚିସାହି ରାସ୍ତା ଦେଇ ଯାଉଥିଲେ। କିଛି ଲୋକ ରାସ୍ତାରେ ଗହଳି କରୁଥିବାରୁ ସେ ସେମାନଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ ସାହି ଲୋକ ଏହାର ପ୍ରତିବାଦ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ସର୍ବଦଳୀୟ ବୈଠକ ଡାକିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ଲେଖିଲେ ନିରଞ୍ଜନ

ଭୁବନେଶ୍ୱର: କରୋନା ମହାମାରୀ ପରିସ୍ଥିତିକୁ ସଫଳ ମୁକାବିଲା କରିବା ଦିଗରେ ଏକ ସର୍ବଦଳୀୟ ବୈଠକ ଅବିଳମ୍ବେ ଡାକିବାକୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ଶ୍ରୀ ପଟ୍ଟନାୟକ ନବୀନବାବୁଙ୍କ ଅନୁରୋଧ କରି କହିଛନ୍ତି ଯେ ବିଗତ ୧୫ମାସ ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚିଠି ଲେଖିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ କରୋନା ମହାମାରୀର ପ୍ରଥମ ଲହର ସରିଲା ଦ୍ୱିତୀୟ ଲହରର ପରିସ୍ଥିତି ଅଣଆୟତ ଏବଂ ସଂକଟଜନକ ସ୍ଥିତିରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ବାବଦରେ କୌଣସି ଇଚ୍ଛା ପ୍ରକଟ କଲେ ନାହିଁ । ତେଣୁ ଦ୍ୱିତୀୟ ଥର ପାଇଁ ରାଜ୍ୟର ଏଭଳି ସଂକଟମୟ ସ୍ଥିତିକୁ ଏବଂ ରାଜ୍ୟର ଜନସାଧାରଣଙ୍କୁ ରକ୍ଷାକରିବା ଉଦ୍ଦେଶ୍ୟରେ ଆଜି ଶ୍ରୀ ପଟ୍ଟନାୟକ ଏକ ହୃଦୟସ୍ପର୍ଶୀ ଏବଂ ଆବେଗଭରା ଚିଠି ଖୋଦ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ସମୟ ନଷ୍ଟନକରି ସମାଜର ପ୍ରତିଷ୍ଠିତ ସାମାଜିକ କର୍ମୀ, ବିଶେଷଜ୍ଞ ଏବଂ ବିଭିନ୍ନ ରାଜନୈତିକ ଦଳର ଅଭିଜ୍ଞ ସଂପନ୍ନ ନେତୃବୃନ୍ଦ ମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଡାକନ୍ତୁ । ସମସ୍ତଙ୍କ ସହିତ ପୁଂଖାନୁପୁଂଖ ଆଲୋଚନା କରି ମହାମାରୀକୁ କିଭଳି ଭାବରେ ପ୍ରତିହିତ କରାଯାଇ ପାରିବ ସେଥିପାଇଁ ଏକ ସ୍ୱତନ୍ତ୍ର ସମୟ ଉପଯୋଗୀ ଏବଂ ବୈଜ୍ଞାନିକ ନୀତିନୀୟମ ଅନୁସାରେ ଏକ ଖସଡ଼ା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । କୋଭିଡ ମହାମାରୀ ରାଜ୍ୟରେ ଗ୍ରାମାଂଚଳ ଠାରୁ ଆରମ୍ଭ କରି ଅପହଂଚ ଅଂଚଳରେ ପଂହଚି ସାରିଛି । ପ୍ରତିଦିନ କେହିନାକେହି ତାର ପରିବାରବର୍ଗ ଆତ୍ମୀୟସ୍ୱଜନଙ୍କୁ ହରାଉଛନ୍ତି । ଏହି ସମୟରେ ରାଜନୈତିକ ବାଦାନୁବାଦକୁ ପଛରେ ପକାଇ ମାନବ ଜୀବନର ମୂଲ୍ୟବୋଧକୁ ରକ୍ଷାକରି ଆମ ସମସ୍ତଙ୍କୁ ଏକ କାମ କରିବାର ସମୟ । ମୁଁ ଏହି ସମୟରେ ଆପଣଙ୍କ ସହିତ ମୋର ପାରୁ ପର୍ଯ୍ୟନ୍ତ କାର୍ଯ୍ୟ କରିବି । ଏ ରାଜ୍ୟ ଏବଂ ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ମୁଁ ମୋର ଦଳ ତଥା ଆମ ଦ୍ୱାରା ଯାହାକିଛି ଆର୍ଥିକ ସହାୟତା କରିବାପାଇଁ ପ୍ରସ୍ତୁତ ଅଛୁ । ଏହି ସମୟ ପ୍ରଂଶସା ସାଉଁଟିବା ବା ନିନ୍ଦା ବା ଅପବାଦ କରିବାର ସମୟ ନୁହେଁ । କିଭଳି ଆମେ ଆମ ଲୋକମାନଙ୍କୁ ଅଧିକ ଟୀକାକରଣ କରିପାରିବୁ ଏବଂ ଜନସାଧାରଣଙ୍କୁ ମୃତ୍ୟୁମୁଖରୁ ରକ୍ଷାକରିପାରିବୁ ତାହାହିଁ ଏ ସମୟର ବଡ଼ ଆହ୍ୱାନ । ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଆଶାରଖିଛନ୍ତି ଅତିଶୀଘ୍ର ଚିଠିର ଉତର ପାଇବେ ବୋଲି ।

## ପଟିଲୋରେ କୋଭିଡ୍ ମୃତ୍ୟୁ, ପିପିଇ କିଟ୍ ପିନ୍ଧି ହେଲା ଶବ ସତ୍କାର

ଘଟଗାଁ: ଘଟଗାଁ ବ୍ଲକର ପଟିଲୋ ଗ୍ରାମ ପଂଚାୟତର ପଟିଲୋ ଗ୍ରାମରେ କରୋନାରେ ଜଣକର ମୃତ୍ୟୁ ହୋଇଯାଇଛି । ଖବରରୁ ପ୍ରକାଶ ଯେ କରୋନାରେ ଆକ୍ରାନ୍ତ ହୋଇ ପଟିଲୋ ଗ୍ରାମର କେଶବ ମହାନ୍ତ ନାମକ ବ୍ୟକ୍ତି କିଛିଦିନ ତଳେ କେନ୍ଦୁଝର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ପ୍ରଥମେ ତାଙ୍କର ଅମ୍ଳଜାନ ସ୍ତର ଠିକ୍ ନଥିବା ବେଳେ ସେଠାରେ ଚିକିତ୍ସା ବେଳେ ଏହା ଧିରେ ଧିରେ ୯୮କୁ ବୃଦ୍ଧି ପାଇଥିଲା । ମାତ୍ର ଉକ୍ତ ବ୍ୟକ୍ତିଙ୍କ ପୁଅ ବାପାଙ୍କୁ କିମ୍ସ ହସ୍ପିଟାଲରେ ଉନ୍ନତ ଚିକିତ୍ସା କରାଇବାକୁ କହି ନିଜ ବ୍ୟକ୍ତିଗତ ଗାଡି ଓ ଦାୟୀତ୍ୱରେ ରୋଗୀକୁ ନେଇ ଆସିଥିଲେ । ଉକ୍ତ ବ୍ୟକ୍ତିଙ୍କ ରେଫେରାଲ ସ୍ଲିପରୁ ଏହା ସ୍ପଷ୍ଟ ହୋଇଛି । ହେଲେ ବିଡମ୍ବନାର କଥା ହେଲା କି ପୁଅ ଜଣକ କିମ୍ସ ନେବା ପରିବର୍ତ୍ତେ ତାଙ୍କ ଘରେ ଆଣି କେଶବଙ୍କୁ ରଖିଥିଲେ ଓ ସକାଳ ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଶବ ସତ୍କାର ପାଇଁ ଲୋକେ ଅମଙ୍ଗ ହେଉଥିବା ବେଳେ ପ୍ରଶାସନ ତରଫରୁ ବିଡିଓ ନାରାୟଣ ସାହୁ ଏବଂ ଏବିଡିଓ ଚିତ୍ତରନ ନାୟକ, ସରପଂଚ ରନ ନାୟକ, ନିର୍ବାହୀ ଅଧିକାରୀ ଦୀପ୍ତିରନ ଦାସଙ୍କ ସହ ଲଗାତାର ସଂଯୋଗ କରିବା ସହ ପିପିଇ କିଟ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ଯୋଗାଇ ଦେଇଥିଲେ ।

## ବେଦାନ୍ତ ପକ୍ଷରୁ ଓଡ଼ିଶା ସରକାରଙ୍କୁ କୋଭିଡ୍ ଚିକିତ୍ସା ପାଇଁ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ






ଭୁବନେଶ୍ୱର: ଭାରତର ବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ତଥା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏବଂ ପାୱାର ବିଜନେସ୍ ପକ୍ଷରୁ ଓଡ଼ିଶା ସରକାରଙ୍କୁ କୋଭିଡ୍ ଲଢ଼େଇରେ ସହାୟତାର ହାତ ବଢ଼ାଯାଇଛି । ବେଦାନ୍ତ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୦୦ ଅକ୍ସିଜେନ୍ ସିଲିଣ୍ଡର କୋଭିଡ୍ ଚିକିତ୍ସା ପାଇଁ ଯୋଗାଇ ଦିଆଯିବ । ଏହା ଅନ୍ତର୍ଗତ ବେଦାନ୍ତ ପକ୍ଷରୁ ୨୦୨୧ ମଇ ୨୦ ତାରିଖ ଭୁବନେଶ୍ୱର ଠାରେ ରାଜ୍ୟ ସରକାରଙ୍କୁ ମେଡ଼ିକାଲ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ଦିଆଯାଇଛି । ଏହି ଅବସରରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ନୀତିନ ଜୱାଲେ ଏବଂ ଓଡ଼ିଶା ରାଜ୍ୟ ମେଡ଼ିକାଲ ନିଗମ ଲିଃ.(ଓଏସ୍ଏମ୍ସିଏଲ୍)ର ସୁଶ୍ରୀ ଯାମିନୀ ଷଡ଼ଙ୍ଗୀ ସମେତ ରାଜ୍ୟ ସରକାରଙ୍କର ତଥା ବେଦାନ୍ତ ଲିମିଟେଡ୍ର ବହୁ ଉଚ୍ଚ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବେଦାନ୍ତ ଲିଃ.ର ଆଲୁମିନିୟମ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, କୋଭିଡ୍ ବିରୋଧରେ ଜାରି ରହିଥିବା ଲଢ଼େଇରେ ବେଦାନ୍ତ ଓଡ଼ିଶାର ଲୋକଙ୍କ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି । ଏହା ଅନ୍ତର୍ଗତ ଆମେ ଓଡ଼ିଶା ସରକାରଙ୍କୁ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ଦେଇଛୁ । କୋଭିଡର ପ୍ରଥମ ଲହର ସମୟରେ ଆମେ ଆମର ସମସ୍ତ ପ୍ଲାଂଟ୍ ଅଂଚଳରେ ବହୁବିଧ ବ୍ୟବସ୍ଥା ପଦକ୍ଷେପ ଗ୍ରହଣ କରିଛୁ । ମହାମାରୀ ଲଢ଼େଇରେ ଆମେ କୋଭିଡ୍ ସଂକ୍ରମଣରୁ ଦୂରେଇ ରହିବା ପାଇଁ ଆମେ ଆମର କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସୁରକ୍ଷିତ ରଖିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛୁ । ମହାମାରୀର ସାମ୍ପ୍ରତିକ ଦ୍ୱିତୀୟ ଲହରର ସଙ୍କଟ ଜନକ ସ୍ଥିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହିତ ଆମେ ମିଳିତ ଭାବେ କାର୍ଯ୍ୟ କରୁଛୁ । ଏହି ଅବସରରେ ବେଦାନ୍ତର ପ୍ରୟାସକୁ ପ୍ରଶଂସା କରି ଇପିକଲର ପରିଚାଳନା ନିର୍ଦ୍ଦେଶକ ନୀତିନ ଜୱାଲେ କହିଲେ, ସମ୍ପ୍ରତି କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଓ ସେମାନଙ୍କର ଜୀବନ ସୁରକ୍ଷା ପାଇଁ ଅକ୍ସିଜେନ୍ ଅତ୍ୟାବଶ୍ୟକ । ରାଜ୍ୟର ଏଭଳି ସଙ୍କଟ ଜନକ ସ୍ଥିତିରେ ବେଦାନ୍ତ ଆଗେଇ ଆସି ସହଯୋଗର ହାତ ବଢ଼ାଇ ଅକ୍ସିଜେନ୍ ସିଲିଣ୍ଡର ଯୋଗାଇବା ବେଶ୍ ସ୍ୱାଗତ ଯୋଗ୍ୟ । ଏହି କାର୍ଯ୍ୟ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ବେଦାନ୍ତର ରହିଥିବା ଦାୟିତ୍ୱବୋଧ ଏବଂ ପ୍ରତିଶ୍ରୁତିବଦ୍ଧତାକୁ ସୂଚିତ କରୁଛି । ବେଦାନ୍ତ ସବୁବେଳେ ଏହାର ପ୍ଲାଂଟ୍ ଅଂଚଳ ଏବଂ ରାଜ୍ୟସ୍ତରରେ ସରକାରୀ କର୍ତ୍ତୃପକ୍ଷଙ୍କ ସହିତ ମିଳିତ ଭାବେ କାର୍ଯ୍ୟ ଜାରି ରଖିଛି । କମ୍ପାନୀ ପକ୍ଷରୁ ଓଡିଶାରେ ପାଖାପାଖି ୩୦୦ କୋଭିଡ୍ କେୟାର ବେଡ୍ର ସ୍ଥାପନା କରାଯାଇ ରାଜ୍ୟ ସରକାରଙ୍କୁ କୋଭିଡ୍ ପରିଚାଳନା କ୍ଷେତ୍ରରେ ସାହାଯ୍ୟ କରାଯାଉଛି ଏବଂ ଆଗାମୀ ଦିନରେ ସରକାରଙ୍କ ମିଳିତ ସହଯୋଗରେ ବେଦାନ୍ତ ରାଜ୍ୟର ହସ୍ପିଟାଲ ଗୁଡ଼ିକର ବହୁବିଧ ବିକାଶ ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ । ବେଦାନ୍ତ ପକ୍ଷରୁ ଏହାର ପ୍ଲାଂଟ୍ର ଉପାନ୍ତ ଅଂଚଳ ଝାରସୁଗୁଡାରେ ପ୍ରଭାବିତ ରୋଗୀଙ୍କୁ ଚିକିତ୍ସା ପାଇଁ ଜିଲ୍ଲା କୋଭିଡ୍ ହସ୍ପିଟାଲଗୁଡ଼ିକକୁ ସାହାଯ୍ୟ ଏବଂ ସହୋଯୋଗ କରାଯାଉଛି । କମ୍ପାନୀ ପକ୍ଷରୁ ଓଡିଶାର କଳାହାଣ୍ଡିର ଭବାନୀପାଟଣାସ୍ଥିତ ଜିଲ୍ଲା ହସ୍ପିଟାଲକୁ ୧୦,୦୦୦ ଆରଟି-ପିସିଆର୍ ଟେଷ୍ଟ୍ କିଟ ଯୋଗାଇ ଦିଆଯାଇଛି । ସ୍ଥାନୀୟ ପ୍ରଶାସନ ସହିତ ମିଳିତ ହୋଇ ବେଦାନ୍ତ ପକ୍ଷରୁ ଏହାର ପ୍ଲାଂଟ୍ର ଉପାନ୍ତ ଅଂଚଳରେ ଟିକାକରଣ କାର୍ଯ୍ୟ ଜାରି ରହିଛି ।

ବିଗତବର୍ଷ ଧରି ବେଦାନ୍ତ ପକ୍ଷରୁ କୋଭିଡ୍ ମୁକାବିଲା ପାଇଁ ବିଭିନ୍ନ ପ୍ରୟାସ ଗୁଡିକ ଜାରିରହିଛି ଯଥା-

- ୯୨,୦୦୦ ୟୁନିଟ୍ ପିପିଇ କିଟ୍ ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯାଇଛି ।
- ସେହିପରି ହଜାର ହଜାର ଦିନ ମଜୁରିଆ ଏବଂ ଗରିବ ପରିବାରଙ୍କୁ ରାଶନ ଓ ଭୋଜନ ଯୋଗାଇ ଦିଆଯାଇଛି ।
- ୨ ଲକ୍ଷରୁ ଅଧିକ ମାସ୍କ, ସାବୁନ୍ ଏବଂ ସୁରକ୍ଷା କିଟ୍ ବିତରଣ କରାଯାଇଛି । ମାସ୍କଗୁଡ଼ିକୁ ବେଦାନ୍ତ ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏହାଦ୍ୱାରା ବହୁ ଲୋକଙ୍କର ଜୀବନ ଜୀବିକାରେ ବିକାଶ ସମ୍ଭବ ହୋଇ ପାରିଛି ।
- ଶହେରୁ ଅଧିକ ସଚେତନତା ଶିବିର ଦୁର୍ଗମ ଗ୍ରାମରେ ଆୟୋଜନ କରାଯାଇ କୋଭିଡ୍-୧୯ ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଛି ।
- ବେଦାନ୍ତର ପ୍ଲାଂଟ୍ ଅଂଚଳରେ ସର୍ବସାଧାରଣ ସ୍ଥଳ ଏବଂ କାର୍ଯ୍ୟାଳୟର ବିଶୋଧନ କରାଯାଇଛି ।
- ପ୍ଲାଂଟ୍ ଅଂଚଳର ଚାଷୀଙ୍କ ଜୀବନ ଜୀବିକା ବିକାଶ ପାଇଁ ଲକ୍ଡାଉନ୍ ସମୟରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି ।

ବେଦାନ୍ତ ଆଲୁମିନିୟମ୍ ଆଣ୍ଡ୍ ପାୱାର ବିଜ୍ନେସ୍ ଯାହାକି ବେଦାନ୍ତ ଲିମିଟେଡ୍ର ଅଂଶବିଶେଷ, ଭାରତରେ ସବୁଠାରୁ ଅଧିକ ଆଲୁମିନିୟମ୍ ଉତ୍ପାଦନ କରୁଥିବା କମ୍ପାନି ଅଟେ ଏବଂ ୨୦୨୧ ଆର୍ଥିକ ବର୍ଷରେ ଏହାର ପରିମାଣ ବାର୍ଷିକ ୧.୯ ନିୟୁତ ଟନ୍ ରହିଛି । ଏହା ଦେଶର ବୃହତ ଘରୋଇ ପାୱାର ଉତ୍ପାଦକ ମଧ୍ୟ ଅଟେ । ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହାର ବିଶ୍ୱସ୍ତରୀୟ ସ୍ମେଲଟର, ପାୱାର ପ୍ଲାଂଟ୍ ଏବଂ ଆଲୁମିନା ରିଫାଇନାରୀ ଭାରତରେ ବିଭିନ୍ନ ଅଂଚଳରେ ରହିଛି । ଆଲୁମିନିୟମ୍କୁ ଭବିଷ୍ୟତର ମେଟାଲ ଭାବେ ପ୍ରତିପାଦିତ କରି ଏକ 'ଗ୍ରୀନର ଟୁମୋରୋ' ଗଠନ ପାଇଁ ବେଦାନ୍ତ ପ୍ରୟାସ ଜାରି ରଖିଛି ।

## ଝୁମ୍ପୁରା ତହସିଲ ପକ୍ଷରୁ ରାଜସ୍ୱ ରଥ ଗଡିଲା

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଦିନ 'ରାଜସ୍ୱ ରଥ' ଆରମ୍ଭ ହୋଇଛି । ଝୁମ୍ପୁରା ତହସିଲ୍ଦାର ସୁଶ୍ରୀ ପ୍ରତିଭା ପୃଷ୍ଟି ଙ୍କ କରକୋମଳରେ ରାଜସ୍ୱ ରଥ ଶୁଭ ଉଦ୍ଘାଟନ କରାଯାଇଥିଲା । ତହସିଲ ସୁପରଭାଇଜର ଭୂବନା ନନ୍ଦ ନାୟକ, ଅମୀନ ସୁରେଶ କୁମାର ନାଏକ, ବରିଷ୍ଠ ରାଜସ୍ୱ ଅଧିକାରୀ ପ୍ରଭାକର ନାଏକ, ବରିଷ୍ଠ କିରାଣୀ ପ୍ରଦୀପ ରଣା, ଗୁମୁରା ରାଜସ୍ୱ ନୀରିକ୍ଷକ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ୫-ଟି କାର୍ଯ୍ୟକ୍ରମରେ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ରହିଛି । କୋଭିଡ-୧୯ ମହାମାରୀ ଯୋଗୁଁ ଦିନ କୁ ଦିନ ଦ୍ରୁତ ଗତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ କରୋନା କଟକଣା କଡାକଡି କରାଯାଇଛି । ଫଳରେ ଲୋକମାନେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି । ରାଜ୍ୟ ସରକାର ଏହି ମହାମାରୀ ସମୟରେ ରାଜସ୍ୱ ବିଭାଗ ର ସମସ୍ତ ପ୍ରକାର ସେବା ନିର୍ଦ୍ଧାରିତ ସମୟ ଭିତରେ ଲୋକମାନଙ୍କ ଘରେ ଘରେ ପହଁଚାଇବା 'ରାଜସ୍ୱ ରଥ' ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ତହସିଲ୍ଦାର ପ୍ରତିଭା ପୃଷ୍ଟି ସୂଚନା ଦେଇଛନ୍ତି ।

## ଝୁମ୍ପୁରା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଅଗ୍ନିଶମ ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଝୁମ୍ପୁରା: ସାରା ଭାରତ ବର୍ଷ ଅଗ୍ନିଶମ ସପ୍ତାହ ପାଳନ କରୁଥିବା ବେଳେ ,ଝୁମ୍ପୁରା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମଧ୍ୟ ବୁଧବାର ଦିନ ଅଗ୍ନିଶମ ସପ୍ତାହ ପାଳନ ଉପଲକ୍ଷେ ପ୍ରଚାର ପ୍ରସାର କରି ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଅଗ୍ନିଶମ ଅଧିକାରୀ ବିଶିକେଶନ ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉପସ୍ଥିତ ସମସ୍ତ କର୍ମଚାରୀମାନେ ପ୍ରଥମେ ଅଗ୍ନିଶମ ସହିଦ ଦିବସ ପାଳନ କରିଥିଲେ । ଏହା ପରେ ଝୁମ୍ପୁରାର ବ୍ଲକ ରୋଡ, ସାହି, ବସ୍ତି ବଜାର, ବସଷ୍ଟାଣ୍ଡ ତଥା ବ୍ଲକ ଅଚଂଳର ମୁଖ୍ୟସ୍ଥାନ ଗୁଡିକୁ ପରିକ୍ରମା କରି ଏହି ସପ୍ତାହ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପ୍ରଚାର କରି ଜନସାଧାରଣଙ୍କ ମଧ୍ୟରେ ଅଗ୍ନି ସଚେତନତା ସୃଷ୍ଟି କରିଥିଲେ । ଅଗ୍ନିକାଣ୍ଡ ଘଟି ପ୍ରତି ବର୍ଷ ଆମ ରାଜ୍ୟରେ କୋଟି କୋଟି ଟଙ୍କାର

## ସୁନ୍ଦରଗଡ଼ ଜିଲ୍ଲାରେ ୬ ଶହ ଟପିଲା ସଂକ୍ରମିତଙ୍କ ସଂଖ୍ୟା

ରାଉରକେଲା: ସୁନ୍ଦରଗଡ ଜିଲ୍ଲାରେ କରୋନାର ପ୍ରଭାବ ଦିନକୁ ଦିନ ବଢି ଚାଲିଥିବା ବେଳେ ସାଧାରଣରେ ସଚେତନତା ଲାଗି ଚିରା ଚରିତ ରୀତିରେ ସିନା ପ୍ରଶାସନ କିଛି ପ୍ରଚାର ଗାଡି ବଜାରକୁ ଛାଡିଛି ଓ ପୁଲିସି ବିଭିନ୍ନ ଛକରେ ଫାଇନ କରୁଛି, କିନ୍ତୁ ସାଧାରଣରେ ଏହାର ପ୍ରଭାବ ଦେଖିବାକୁ ମିଳୁନି । ଫଳରେ ଏଭଳି ପରିସ୍ଥିତିକୁ ନେଇ ଜିଲ୍ଲା ବ୍ୟାପୀ ଆଲୋଚନାର ବିଷୟ ବସ୍ତୁ ହୋଇଛି । ଆଜି ସରକାରଙ୍କ ଘୋଷଣା ଅନୁସାରେ, ଜିଲ୍ଲାରେ ସଂକ୍ରମଣ ସଂଖ୍ୟା ୬୦୦ ଟପିଛି । ପ୍ରତିଦିନ ଏହାର ସଂଖ୍ୟା ବଢି ଚାଲିଛି । ଇତି ମଧ୍ୟରେ ଜିଲ୍ଲାର ସୀମା ଅଂଚଳରେ ସମସ୍ତ ପ୍ରକାର ତନଖି କରାଜିବା ସହ ଜିଲ୍ଲା ବ୍ୟାପି ସଚେତନତା ଲାଗି ପ୍ରଚାର ଚାଲିଛି । ଗତକାଲି ଖୋଦ୍ ମୁଖ୍ୟ ଶାସନସଚିବ ମଧ୍ୟ ରାଉରକେଲା ଗସ୍ତ କରି ବିଭିନ୍ନ ଡାକ୍ତରଖାନା ଗୁଡିକର ସ୍ଥିତି ପରଖିଛନ୍ତି ଓ ଆଗାମୀ ପରିସ୍ଥିତି ଲାଗି ପ୍ରସ୍ତୁତ ରହିବାକୁ କହିଯାଇଛନ୍ତି, ହେଲେ ବଡ କଥା ହେଲା ଏତେ ସବୁ ସତ୍ୱେ ପ୍ରଭାବ କମିବା ଯାଗାରେ ବଢି ଚାଲିଛି କାହିଁକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହେଉଛି । ଏନେଇ ବିଗତ ବର୍ଷର ଅନୁଭୁତି ସାଉଁଟିଥିବା କିଛି ଲୋକଙ୍କୁ ପଚରା ଜିବାରୁ ସେମାନେ କହିଛନ୍ତି ଯେ, ଏ ଦେଶ ରାଜ୍ୟ ଗଣତନ୍ତ୍ର ଦ୍ୱାରା ଶାସିତ । ଲୋକ ମାନେ ଶାସନ ବ୍ୟବସ୍ଥାର କଥା ଯେତିକି ଶୁଣନ୍ତି ତାଠାରୁ ଅଧିକ ଲୋକ ପ୍ରତିନିଧି ମାନଙ୍କ କଥା ଶୁଣନ୍ତି, ତେଣୁ ଏଭଳି ସ୍ଥିତିରେ ବିଭିନ୍ନ ପଲିଟିକାଲ ଦଳ ମାନଙ୍କୁ ଶାସନ ବ୍ୟବସ୍ଥା ସାଙ୍ଗରେ ନେଇ ସେମାନଙ୍କ ମୁହଁରୁ ଲୋକଙ୍କୁ ସଚେତନତାର ବାର୍ତା ଦେଇପାରିଲେ ତାହାର ପ୍ରଭାବ ଅଧିକ ରହିବ ବୋଲି ମତ ପ୍ରକାଶ ପାଇଛି । ଖାଲି ସେତିକି ନୁହେଁ ବିଭିନ୍ନ ଦଳର ପ୍ରାର୍ଥୀ ହୋଇଥିବା ନେତା ମାନଙ୍କୁ ମଧ୍ୟ ସେମାନଙ୍କ ଅଂଚଳରେ କରୋନା ନିୟମ ମାନି ସଚେତନ କରାଇବା ଲାଗି ଅନୁରୋଧ ହେବା ଅବଶ୍ୟକ । ଏଭଳି ସଚେତନତା ଲୋକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ମତ ପ୍ରକାଶ ପାଇଛି । ଇତି ମଧ୍ୟରେ ସଂକ୍ରମଣର ପ୍ରଭାବ ବଢିବାକୁ ଦେଖି ଆଜିଠାରୁ କିଛି ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଅନଲାଇନ ପାଠ ପଢା ଆରମ୍ଭ କରିଛନ୍ତି । ଡିଏଭି ବିଦ୍ୟାଳୟ ତାର ୧୦ମ ଶ୍ରେଣୀ ପିଲାଙ୍କୁ ଆଜି ସାହିତ୍ୟ ପାଠରୁ କ୍ଲାସ ଆରମ୍ଭ କରିଛି । ଅନ୍ୟାନ୍ୟ ବିଦ୍ୟାଳୟ ମଧ୍ୟ ସେହି ରାସ୍ତାରେ ତାଙ୍କ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବା ଖବର ମିଳିଛି । ଅବଶ୍ୟ ସରକାର ତାଙ୍କର ସବୁ ଦିଗକୁ ଚିନ୍ତାକରି ପଦକ୍ଷେପ ନେଉଛନ୍ତି । ଇତି ମଧ୍ୟରେ ବିଭିନ୍ନ ସରକାରୀ ଅଫିସକୁ ସାଧାରଣ ଲୋକଙ୍କ ଯାତାୟତ ବନ୍ଦ କରାଯାଇଥିବା ବେଳେ ଶ୍ରମ ବିଭାଗ ଓ ଅନ୍ୟ କେତେକ ଅଫିସ କରୋନା ଘେରକୁ ଆସିଛନ୍ତି । ବିଭନ୍ନ କଲୋନୀରେ ଏବେ ଲୋକଙ୍କ ଭିତରେ କରୋନାକୁ ନେଇ ଆଲୋଚନା ଓ ମୁହଁରେ ମାସ୍କ ଲଗାଇବା ଦେଖା ଯାଇଥିବା ବେଳେ କେତେକ ଜାଗାରେ ସାମାଜିକ ଦୂରତାକୁ ଲୋକେ ଭୁଲି ଯାଉଥିବା ଦେଖାଯାଉଛି । ତେବେ ଏଭଳି ଯାଗାରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୭୨,୪୦୦ ଟଙ୍କା ଫାଇନ ଆଦାୟ କରାଯାଇଥିବା ବେଳେ, ନିୟମ ମାନି ନଥିବା ଦୋକାନୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି ।

## କରୋନା ଆକ୍ରାନ୍ତଙ୍କ ସମସ୍ୟାକୁ ନେଇ ବିଜେଡି ନେତାଙ୍କ ବିଳମ୍ବରେ ଚେତା ପଶିଲା



କେନ୍ଦୁଝର:ବିଳମ୍ବରେ ହେଉ ପଛେ କରୋନା ରୋଗୀଙ୍କ ସମସ୍ୟାକୁ ନେଇ ଜିଲ୍ଲା ବିଜେଡି ନେତାଙ୍କ ମଧ୍ୟରେ ଏକ ପରିବର୍ତ୍ତନର ସ୍ୱର ପରିଲକ୍ଷିତ ହୋଇଛି । ଗତ କିଛି ଦିନ ହେଲା ବିଭିନ୍ନ ସୋସିଆଲ ମିଡିଆରେ କରୋନା ରୋଗୀଙ୍କ ସମସ୍ୟାକୁ ନେଇ ଜିଲ୍ଲାବ୍ୟାପୀ ପ୍ରତିକ୍ରୀୟା ପ୍ରକାଶ ପାଇ ଆସୁଥିଲା । କେନ୍ଦୁଝରରୁ ଭୁବନେଶ୍ୱର ଯାଏ ଏହାକୁ ନେଇ ବିରୋଧିମାନେ ପ୍ରଶାସନକୁ ଏବଂ କୋଭିଡ ହସପିଟାଲ ସଂସ୍ଥାକୁ ବାରମ୍ବାର ସଣ୍ଢୁଆସୀ ଆକ୍ରମଣ କରିଥିଲେ । ପରିସ୍ଥିତି ଏଭଳି ହେଲା ଯେ ମୃତକ ରୋଗୀଙ୍କ ସମ୍ପର୍କୀୟମାନେ ହରାଇଥିବା ବ୍ୟକ୍ତିଙ୍କ ଶେଷ ଦର୍ଶନ କରିବାରୁ ବଞ୍ଚିତ ହେବା,ଅକ୍ସିଜେନ ଅଭାବରୁ ଅନେକ ରୋଗୀଙ୍କ ଜୀବନ ଯିବା,କୋଭିଡ ମେଡିକାଲରୁ ଚାଲି ଆସି ରାସ୍ତା କଡରେ ରୋଗୀ ମରିଯିବା ଭଳି ଅଭାବନୀୟ ଘଟଣାମାନ ଘଟି ଚାଲିଥିଲା । ଏହି ସବୁ ଘଟଣାକୁ ନେଇ ଜିଲ୍ଲାବାସୀ ବିବ୍ରତ ହୋଇପଡିଥିଲେ । ବିଜେପିର ଏକ ରାଜ୍ୟସ୍ତରୀୟ ଟିମ ଏହାପରେ କେନ୍ଦୁଝର ଗ୍ରସ୍ତ କରି କରୋନା ସ୍ଥିତି ଅନୁଧ୍ୟାନ କରିବା ପରେ ତୁମ୍ବିତୋଫାନ କରିଥିଲେ । ପରିଣାମ ସ୍ୱରୂପ ଜିଲ୍ଲା ପ୍ରଶାସନ ସଜାଗ ହୋଇ ଉଠିଥିଲା । ଏହା ପରେ ବିଭିନ୍ନ ଅବ୍ୟବସ୍ଥାରେ ସୁଧାର ଆଣିଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି କି ଯେ ଜିଲ୍ଲାରେ ଥିବା ଶାସକ ବିଜେଡିର ନିର୍ବାଚିତ ପ୍ରତିନିଧି ଏବଂ ନେତା ଲୋକଙ୍କ ଦୂରାବସ୍ଥାକୁ ନେଇ ଅସମ୍ଭବ ନୀରବତା କରି ଆସିଥିଲା । ଯାହାକୁ ନେଇ ଜିଲ୍ଲାବ୍ୟାପୀ ପ୍ରତିକ୍ରୀୟା ପ୍ରକାଶ ପାଇଥିଲା ଏବଂ ସ୍ଥାନୀୟ ନେତାମାନେ ନାନା ପ୍ରକାର ଅପବାଦର ଶୀକାର ହୋଇଥିଲେ । ତେବେ ବିଳମ୍ବରେ ହେଉ ପଛେ ବୁଧବାର ଦିନ ବିଜେଡି ନେତାଙ୍କ ଅକସ୍ମାତ ମାନବିକତା ଉଦୟ ହେବା ଶୁଭଲକ୍ଷ୍ମଣ ହୋଇଥିଲେ ମଧ୍ୟ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ବୁଧବାର ଦିନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ,ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର,ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର,ବିଜେଡି ଜିଲ୍ଲା ଉପସଭାପତି ପ୍ରମୋଦ ପଟ୍ଟନାୟକ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା କୋଭିଡ କେୟାର ସେଣ୍ଟର ପରିଦର୍ଶନ କରି ରୋଗୀମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । କୋଭିଡ କେୟାର ସେଣ୍ଟରର ପରିଚାଳକ,ଡାକ୍ତର ଏବଂ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରି ଆଗକୁ କିଭଳି ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ମଧ୍ୟ କରୋନା ସମୟରେ ଲୋକଙ୍କ ଦୁଃଖ ନବୁଝି ଘରେ ରହିବା ଫଳରେ ତାଙ୍କ ବିରୋଧରେ ଜନ ଅସନ୍ତୋଷ ବଢିବାରେ ଲିଗିଛି । ନିଜ ବ୍ୟବସାୟ ବଢାଇବା ପାଇଁ ନିଜ ସ୍ୱାମୀଙ୍କ ପାଇଁ ଅଧିକ ସମୟ ଦେଉଥିବାବେଳେ ଅଳ୍ପ କିଛି ଦିନ ହେବ ଲୋକ ଦେଖାଣିଆ ଭାବେ ଲୋକଙ୍କ ସମସ୍ୟା ବୁଝୁଛନ୍ତି । ଜିଲ୍ଲାରେ ବିଜେଡି ନେତାଙ୍କ ପ୍ରତି ଜନଅସନ୍ତୋଷ ଏବଂ ଜନ ଆକ୍ରୋଶ ବଢୁଥିବାରୁ ଦଳ ପାଇଁ ଏହା ଘାତକ ସାବ୍ୟସ୍ତ ହୋଇପାରେ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray